ବର୍ଷ-୨୫, ସଂଖ୍ୟା-୨୫୬
ଭୁବନେଶ୍ୱର
୨୪, ସେପ୍ଟେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 256
Bhubaneswar
24, September, 2025 Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ସମ୍ମାନ

ଝାରସୁଗୁଡା ଆସିବେ ପ୍ରଧାନମନ୍ତ୍ରୀ

ଝାରସୁଗୁଡା,୨୩।୯(ମହାଭାରତ): ଦ୍ୱିତୀୟ ଥର ପାଇଁ ଝାରସୁଗୁଡାକୁ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୨୭ରେ ଗଞ୍ଜାମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହିଥିଲା। ହେଲେ ଲଘୁଚାପ ପାଇଁ ବ୍ରହ୍ମପୁରରେ ବର୍ଷା ଆଲର୍ଟ ଥିବାରୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ସତର୍କତାକୁ ଦୃଷ୍ଟିରେ ରଖି ମୋଦୀଙ୍କ ହେବାକୁ ଥିବା ସାଧାରଣ ସଭା ବ୍ରହ୍ମପୁରରୁ ଝାରସୁଗୁଡ଼ାକୁ ସ୍ଥାନାନ୍ତର କରାଯାଇଛି। ଝାରସୁଗଡାର ଅମଳିପାଲି ଠାରେ କାର୍ଯ୍ୟକ୍ରମ ହେବ ନେଇ ସୂଚନା ରହିଛି।

ଏବେ ଅମଳିପାଲିଠାରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଜୋରସୋରରେ ଆଗେଇ ଚ଼ାଲିଛି। କାର୍ଯ୍ୟକ୍ରମସ୍ଥଳୀ ଠାରେ ଉତ୍ତରାଞ୍ଚଳ ଓଏ ହିମାଂଶୁ ଲାଲ, ଉତ୍ତରାଞ୍ଚଳ ଆରଡିସି ଅମଳିପାଲି ପଡିଆ ପରିଦର୍ଶନ କରିଛନ୍ତି। ପିଡବ୍ଲୁଡି ମୁଖ୍ୟଯନ୍ତ୍ରୀ କାର୍ଯ୍ୟକ୍ରମସ୍ଥଳୀ ଠାରେ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି। ପୂର୍ତ୍ତ ବିଭାଗର ଅଧିକାରୀ ମାନେ ସେଠାରେ ରହି ଷ୍ଟେଜ କାର୍ଯ୍ୟ ତଦାରଖ କରୁଛନ୍ତି। ୨୦୨୪ ନିର୍ବାଚ଼ନ ପରେ ବିଜେପି କ୍ଷମତାକୁ ଆସିବା ପରେ ଏହା ହେଉଛି ଓଡିଶାକୁ ମୋଦୀଙ୍କ ଷଷ୍ଠ ଗସ୍ତ। ପ୍ରଧାନମନ୍ତ୍ରୀ ମୋଦୀଙ୍କର ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା। ବର୍ଷାକୁ ଦେଖି ତାଙ୍କର ସାଧାରଣ ସଭା କାର୍ଯ୍ୟକ୍ରମ ପାଇଁ ଝାରସୁଗୁଡ଼ାକୁ ଏକ ବିକଳ୍ପ ସ୍ଥାନ ଭାବରେ ପ୍ରସ୍ତାବ ଦିଆଯାଇଥିଲା।

ଗୃହରେ ବିଜେଡି, କଂଗ୍ରେସର ହୋହଲ୍ଲା

ଭୁବନେଶ୍ୱର,୨୩।୯(ମହାଭାରତ): ମୌସୁମୀ ଅଧିବେଶନର ପଞ୍ଚମ ଦିନରେ ମଧ୍ୟ ସ୍ୱାଭାବିକ ହୋଇପାରିନି ଗୃହ। ହୋହଲ୍ଲା, ହଙ୍ଗଗୋଳ, ନାରାବାଜି, ପ୍ଲାକାର୍ଡ ପ୍ରଦର୍ଶନରେ ବିତିଗଲାଣି ୫ ଦିନ। ମାତ୍ର ୫ ଘଣ୍ଟାରୁ ଅଧିକ ଚଳିଛି ଗୃହ। ବିରୋଧୀ ବିଜେଡିର ହୋ ହଲ୍ଲା ଓ ହଙ୍ଗଗୋଳ ପାଇଁ ବାରମ୍ବାର ଗୃହକୁ ମୁଲତବୀ କରିଛନ୍ତି ବାଚସ୍ପତି। ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ ଧୋଇଯାଇଛି। ଆଜି ବିଧାନସଭାର ମୌସୁମୀ ଅଧିବେଶନର ପଂଚମ ଦିନରେ ପଂଚାୟତିରାଜ ବ୍ୟବସ୍ଥାରେ ଲୋକପ୍ରତିନିଧିଙ୍କ କ୍ଷମତା ସଂକୁଚିତ କରାଯିବା ପ୍ରସଙ୍ଗକୁ ନେଇ ନାରାବାଜୀ ଓ ହଙ୍ଗଗୋଳ କରିଛନ୍ତି ବିରୋଧୀ ବିଜେଡି ବିଧାୟକମାନେ । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ମାନେ ତାଙ୍କ ଆସନରେ ଠିଆ ହୋଇ ବିଜେପି – ବିଜେଡି
ଭାଇ ଭାଇ ଲେଖାଥିବା ପ୍ଲାକାର୍ଡ ମାନ ଧରି ଠିଆ ହୋଇଥିଲେ । ହଙ୍ଗଗୋଳ କାରଣରୁ ବାଚସ୍ପତି ସୁରମା ପାଢୀ ଗୃହକୁ ୧୦.୫୦ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି । ଏହି କାରଣରୁ ଆଜି ପ୍ରଶ୍ନକାଳ, ଶୂନ୍ୟ କାଳ ଓ ଅନ୍ୟ ନିର୍ଧାରିତ କାର୍ଯ୍ୟକ୍ରମ ହୋଇ ପାରି ନାହିଁ।

ଆଜି ନିର୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ବିଧାନସଭା ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଜେଡି ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ ତଳେ ହୋହଲ୍ଲା, ନାରାବାଜି କରିଥିଲେ । ପଂଚାୟତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ଅଭିଯୋଗରେ ପ୍ରତିବାଦ କରିଥିଲେ । ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଗୃହ କାର୍ଯ୍ୟ ଚଳାଇ ଦେଲେନି ବିରୋଧୀ। ଶେଷରେ ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବି ଘୋଷଣା କରିଛନ୍ତି ବାଚସ୍ପତି। ସକାଳ ଭଳି ଅପରାହ୍ନରେ ମଧ୍ୟ ହୋହଲ୍ଲା କରି ବିଜେଡି ସଦସ୍ୟ କକ୍ଷତ୍ୟାଗ ସହ ଗାନ୍ଧୀମୂର୍ତ୍ତି ତଳେ ବସି ପ୍ରତିବାଦ କରିଛନ୍ତି।ଗୃହର ଅଚଳାବସ୍ଥା ଦୂର କରିବାକୁ ଚଳିତ ଅଧିବେଶନରେ ପ୍ରଥମଥର ପାଇଁ ସର୍ବଦଳୀୟ ବୈଠକ ଡାକିଛନ୍ତି ବାଚସ୍ପତି। ସେପେଟେ ପୁଣିଥରେ ଅନାସ୍ଥାରେ ଅଡି ବସିଛି କଂଗ୍ରେସ। ଯାହାକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି। ବାଚସ୍ପତି କହିଥିଲେ ଯେ, ଗୋଟିଏ ଅଧିବେଶନରେ ସମାନ ପ୍ରସଙ୍ଗରେ ୨ ଥର ଅ।ସିପାରିବନି ଅନାସ୍ଥା।

ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩।୯(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଓଡ଼ିଶାର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଦେବା ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ । ଏହା ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ରଖୁଛି । ଏହି ପ୍ରାଚୀନ ଅନୁଷ୍ଠାନଟି ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ବିଦ୍ୟାଳୟ ସେବାୟତଙ୍କ ପିଲାମାନଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ବିଦ୍ୟାଳୟ ବର୍ତ୍ତମାନ ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏକ ସହାୟତାପ୍ରାପ୍ତ ବିଦ୍ୟାଳୟ ଭାବରେ କାର୍ଯ୍ୟ କରୁଛି । ଏହାର ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି । ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀ ଜଗନ୍ନାଥ ମନ୍ଦିରର ଅନନ୍ୟ ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ହେଉଛି ବିଦ୍ୟାଳୟର ମୂଳ ଲକ୍ଷ୍ୟ ।

ଶ୍ରୀମୟୀ ନିଲମ୍ବିତ

ଭୁବନେଶ୍ୱର,୨୪।୯(ମହାଭାରତ): ବିଜେଡି ମହିଳା ନେତ୍ରୀ ଦେବା ଶ୍ରୀମୟୀ ମିଶ୍ର ସୋସିଆଲ ମିଡିଆରେ ବାରମ୍ବାର ପୋଷ୍ଟ କରିବା ତାଙ୍କୁ ସାବ୍ୟସ୍ତ ପ଼ଡିଛି। ବିଜେଡି ମହିଳା ବ୍ୟାପାର ସାଧାରଣ ସଂପାଦକ ଶ୍ରୀମୟୀଙ୍କ ଦଳ ଆଜି ନିଲମ୍ବନ କରିଛି। ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଏହା କୁହାଯାଇଛି। ବିଜେଡି ଉପସଭାପତି ପ୍ରତାପ ଜେନା ଏହା ସ୍ପଷ୍ଟ କରିଛନ୍ତି।

ତାଙ୍କ ବ୍ୟତୀତ ବିଜେଡି ପକ୍ଷରୁ ମୟୁରଭଂଜ ଜିଲ୍ଲାର ଆଉ ଦୁଇ ଜଣ ନେତାଙ୍କୁ ମଧ୍ୟ ନିଲମ୍ବନ କରିଛି । ମୟୂରଭଂଜ ଜିଲ୍ଲା କପ୍ତିପଦା ବ୍ଲକ ସଭାପତି ସୁବାଷ ଚନ୍ଦ୍ର ସାଇ ଓ ମୟୂରଭଂଜର ପୂର୍ବତନ ଜିଲ୍ଲା ସଂପାଦକ ପ୍ରବୀର ଚନ୍ଦ୍ର ସାଇଙ୍କୁ ନିଲମ୍ବନ କରିଛି।

ଦଳରୁ ନିଲମ୍ବିତ ପରେ ଶ୍ରୀମୟୀ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆତ୍ମସମ୍ମାନ ଓ ସ୍ୱାଭିମାନ ସହ ସାଲିସ କରିନାହିଁ କି କରିବି ନାହିଁ ମଧ୍ୟ। ଦୀର୍ଘ ଏକ ବର୍ଷ ଧରି ଯେଉଁ ଦଳରେ ନାହିଁ ଓ ନିଜର ସଦସ୍ୟତା ନବୀକରଣ କରିନାହିଁ ସେ ଦଳ ମୋତେ ନିଲମ୍ବନ କରିବା ଜଗତେ କେବଳ ଜନେ ହସିବେ। ଜଣେ ଅଣଓଡ଼ିଆଙ୍କ ପ୍ରରୋଚନାରେ ଓଡ଼ିଶାକୁ ଦୀର୍ଘବର୍ଷ ଧରି ଶାସନ କରୁଥିବା ନେତା ଜଣେ ଓଡ଼ିଆ ଝିଅର ସମ୍ମାନ ସହ ଖେଳିବା କେତେଦୂର ଠିକ୍ ବିଚାର ଆପଣମାନଙ୍କର। ମା' କୁ ସମ୍ମାନର ଆହ୍ୱାନ ଦେଉଥିବା ଜଣେ ଜନନାୟକଙ୍କ ଦାୟାଦ ଯେ ନିଜେ ନିଷ୍ପତ୍ତି ନେବାରେ ସକ୍ଷମ ନୁହେଁ, ଆଜି ତାହା ପ୍ରମାଣିତ କରିଦେଲେ। ମୁଁ ଓଡ଼ିଆ ଝିଅ ବୋଲି ପ୍ରମାଣିତ କରିବା ପାଇଁ ଆତ୍ମଗାରିମାକୁ ଜଳାଞ୍ଜଳି ଦେବା ଆଦୌ ଉଚିତ୍ ମନେକରୁନାହିଁ।

ମୂଳ ରତ୍ନଭଣ୍ଡାରକୁ ଆସିଲା ଅଳଙ୍କାର

ପୁରୀ,୨୩।୯(ମହାଭାରତ): ରଥଯାତ୍ରା – ୨୦୨୪ ସମୟରେ ମୂଳ ରତ୍ନଭଣ୍ଡାରରୁ ରତ୍ନ ଅଳଂକାର ଓ ସାମଗ୍ରୀ ସବୁ ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତରିତ ହୋଇଥିଲା । ସଂରକ୍ଷଣ ତଥା ମରାମତି ପରେ ନୂଆ ରୂପ ପାଇଥିବା ଶ୍ରୀମନ୍ଦିର ମୂଳ ରତ୍ନଭଣ୍ଡାରକୁ ସମସ୍ତ ବହୁମୂଲ୍ୟ ଅଳଙ୍କାର ତଥା ସାମଗ୍ରୀ ଆଜି ସ୍ଥାୟୀ ଭାବରେ ନିଆଯାଇଛି। ଶୁଭବେଳା ଆଜି ପୂର୍ବାହ୍ନ ୧୦ ଟା ୫୫ ମିନିଟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଠିକ୍ ଅପରାହ୍ନ ୨ ଟା ୫୫ ମିନିଟ୍ ସମୟରେ ଶେଷ ହୋଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ନିୟମାବଳୀ-୧୯୬୦ ଏବଂ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଏହି କାର୍ଯ୍ୟ ସମ୍ପାଦିତ ହୋଇଛି। ଗତ ବର୍ଷ (୨୦୨୪) ରଥଯାତ୍ରା ସମୟରେ ମରାମତି ଓ ସଂରକ୍ଷଣ ଉଦ୍ଦେଶ୍ୟରେ ମୂଳ ରତ୍ନଭଣ୍ଡାର (ଉଭୟ ବାହାର ଏବଂ ଭିତର) ଅଳଙ୍କାର ତଥା ସାମଗ୍ରୀ ଅସ୍ଥାୟୀ ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଭାବରେ ଖଟଶେଜ ଘର (ଭିତର) ଏବଂ ଚାଙ୍ଗଡ଼ା ଓ ଫୁଲ ଘର (ବାହାର ଭଣ୍ଡାର)କୁ ସ୍ଥାନାନ୍ତରିତ ହୋଇଥିଲା। ଗତ ଜୁଲାଇ ୭ ତାରିଖରେ ଏଏସଆଇ ପକ୍ଷରୁ ମୂଳ ରତ୍ନଭଣ୍ଡାର (ଉଭୟ ବାହାର ଏବଂ ଭିତର) ମରାମତି ତଥା ସଂରକ୍ଷଣ ଶେଷ ହୋଇଥିବା ବେଳେ ଆଜି ଅସ୍ଥାୟୀ ଭଣ୍ଡାରରୁ ସମସ୍ତ ବହୁମୂଲ୍ୟ ସାମଗ୍ରୀ ସ୍ଥାୟୀ ଭାବେ ମୂଳ ରତ୍ନଭଣ୍ଡାରକୁ ନିଆଯାଇଛି। ଏହି ସ୍ଥାନାନ୍ତର ପୂର୍ବରୁ ଗତ ୧୯ ତାରିଖରେ, ନୂଆ ରୂପ ପାଇଥିବା ଭଣ୍ଡାରକୁ ସଂସ୍କାର କରାଯାଇଥିଲା।

ପୂର୍ବନିର୍ଦ୍ଧାରିତ ବ୍ୟବସ୍ଥା ତଥା ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ, ଆଜି ପୂର୍ବାହ୍ନ ଶୁଭବେଳାରେ ରତ୍ନଭଣ୍ଡାର କମିଟି ତଥା ଉଚ୍ଚସ୍ତରୀୟ କମିଟି ସଦସ୍ୟ ମାନେ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ ।

ମହାପ୍ରଭୁଙ୍କ ଦର୍ଶନ ଆଶୀର୍ବାଦ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଟ୍ରେଜେରୀରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଖଟଶେଜ ଘର ଖୋଲାଯାଇଥିଲା । ସମସ୍ତ ବହୁମୂଲ୍ୟ ସାମଗ୍ରୀ ସେଠାରୁ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନ ଭଣ୍ଡାରକୁ ତାଲା ପକାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ କରାଯାଇଥିଲା ଏବଂ ସମ୍ପୃକ୍ତ ଚାବି ଜିଲ୍ଲା ଟ୍ରେଜେରୀରେ ଜମା ଦିଆଯାଇଛି ।

ଏହା ପରେ ବ୍ୟବସ୍ଥା ଅନୁସାରେ, ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ନୂଆ ରୂପ ପାଇଥିବା ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା।ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ତିନିଟି ଯାକ ତାଲା ପକାଇ ବନ୍ଦ କରାଯାଇଥିଲା । ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି ମଧ୍ୟ କରାଯାଇଥିଲା। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପ୍ରଣିପାତ ଜଣାଇଥିଲେ । ସୁରକ୍ଷା ଯାଂଚ୍ ପରେ ସମସ୍ତ ସଦସ୍ୟ ଜଗମୋହନରୁ ପ୍ରସ୍ଥାନ କରିଥିଲେ।

ରାଇରଙ୍ଗପୁରରେ ହେବ ନୂଆ ଆୟୁର୍ବେଦ ହସ୍ପିଟାଲ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୯(ମହାଭାରତ): ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆୟୁର୍ବେଦ ହେଉଛି, ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଆମ ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦକୁ କେବଳ ଏକ ଚିକିତ୍ସା ପ୍ରଣାଳୀ ନୁହେଁ ବରଂ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଆମର ଜ୍ଞାନ ଓ ଦାର୍ଶନିକ ଦୃଷ୍ଟିକୋଣକୁ ଉପସ୍ଥାପିତ କରିବା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁର୍ବେଦ ଏକ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ । ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନ ଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇ ପାରିବ। ବର୍ତ୍ତମାନ ପ୍ରାୟ ସମସ୍ତେ ଆଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରୁଥିବା ବେଳେ, ଏହାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ବ୍ୟୟସାପେକ୍ଷ ଚିକିତ୍ସା ପ୍ରଣାଳୀ ଲୋକଙ୍କୁ ବିକଳ୍ପ ଚିକିତ୍ସା ପଦ୍ଧତି ସଂପର୍କରେ ଚିନ୍ତା କରିବା ପାଇଁ ବାଧ୍ୟ କରିଛି। ଆୟୁର୍ବେଦ ଓ ଯୋଗ ଆମକୁ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ । ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷା କରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ, ଏହାକୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବରେ ଗ୍ରହଣ କରିଛି।

ସ୍ୱାସ୍ଥ୍ୟ ସଚେତନ ପ୍ରତ୍ୟେକ ବ୍ୟକ୍ତି ଯୋଗକୁ ଏକ ଜୀବନର ଧାରା ଭାବେ ଗ୍ରହଣ କରିଛନ୍ତି। ଆମ ରାଜ୍ୟରେ ଆୟୁର୍ବେଦ ଶିକ୍ଷା, ଅନୁସନ୍ଧାନ ଓ ଚିକିତ୍ସାକୁ ନେଇ ଉଦ୍ୟମ କରାଯାଇଛି। ଆୟୁଷ ବିଭାଗ ମାଧ୍ୟମରେ ଆମେ ଗ୍ରାମ ଓ ସହର, ଉଭୟ ସ୍ତରରେ

ଆୟୁର୍ବେଦ ଚିକିତ୍ସାକୁ ପହଂଚାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରି ଆସୁଛୁ। ଆୟୁର୍ବେଦ ମାନବ ଜୀବନର ଏକ ଅଂଶ ହେବା ଉଚିତ, ଯେଉଁଠି ରୋଗ ପ୍ରତିକାର ନୁହେଁ, ବରଂ ରୋଗ ପ୍ରତିରୋଧ ଓ ସ୍ୱାସ୍ଥ୍ୟ ରକ୍ଷା ହେଉଛି ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟରେ ଆୟୁର୍ବେଦ ଚିକିତ୍ସା ଓ ସରକାରଙ୍କ ଆଭିମୁଖ୍ୟ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ୩ ଟି ସରକାରୀ ଆୟୁର୍ବେଦିକ କଲେଜ, ୪ ଟି ସରକାରୀ ହୋମିଓପାଥିକ କଲେଜ, ୫ଟି ସରକାରୀ ଆୟୁର୍ବେଦିକ ଓ ୪ଟି ସରକାରୀ ହୋମିଓପାଥିକ ହସ୍ପିଟାଲ ଅଛି, ଯେଉଁଠି ନୂତନ ପିଢିର ଡାକ୍ତରମାନେ ତିଆରି ହେବା ସହିତ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ରୋଗୀ ପ୍ରାକୃତିକ ଭାବରେ ଚିକିତ୍ସିତ ହେଉଛନ୍ତି । ଏହା ବ୍ୟତୀତ ବର୍ତ୍ତମାନ ୧ ହଜାର ୧୯୧ ଟି ଆୟୁଷ ଡିସ୍‌ପେନସାରୀ ଚାଲିଛି ଯାହା ମଧ୍ୟରୁ ୬୨୦ ଟି ଆୟୁର୍ବେଦିକ, ୫୬୨ ଟି ହୋମିଓପାଥିକ ଓ ୯ଟି ୟୁନାନି ଡିସ୍ପେନସାରୀ ଅଛି। ଏହି ସମସ୍ତ ଚିକିତ୍ସାକେନ୍ଦ୍ର ଗ୍ରାମ ଓ ଅନ୍ୟ ଅବହେଳିତ ଅଂଚଳରେ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି । ନେସନାଲ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଂଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି। ଆଗାମୀ ଦିନରେ ଏହା ଜରିଆରେ ଅଧିକ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇ ଦିଆଯିବ ।ଏଥି ସହିତ ଚଳିତ ବର୍ଷ ଉଭୟ ରାଜ୍ୟସରକାର ଓ ଭାରତ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆ ଯାଇଛି । ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୂଷ ଅଧିନରେ ଏକ ପଂଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି। ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଠାରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି । ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଂଚକର୍ମ କେନ୍ଦ୍ର, ବିଭିନ୍ନ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ ।ସେ ପୁଣି କହିଥିଲେ ଯେ, ଯୋଗ, ଆୟୁର୍ବେଦ ଆଦି ସବୁ ହଜାର ହଜାର ବର୍ଷର ଜ୍ଞାନ । ଆଜି ଏହି ସବୁ ଚିକିତ୍ସା ପଦ୍ଧତିର ଲୋକପ୍ରିୟତା ଦିନକୁ ଦିନ ବଢି ଚାଲିଛି । ଆଜି ବିଶ୍ୱ ଭାରତୀୟ ଚ

ଜୀବନଚର୍ଯ୍ୟା

ଛୋଲେ ଟିକ୍କି ଚାଟ୍

ଆବଶ୍ୟକ ସାମଗ୍ରୀ: ଛୋଲ ୧କପ, ଗାଜର୧, ପିଆଜ୧, ଟମୋଟୋ୧, କଞ୍ଚାଲଙ୍କା୨, ତେଲ ୨ ବଡ ଚାମଚ, ଦହି୧କପ, ମିଠା ସୁଣ୍ଠି ୨ବଡ ଚାମଚ, ଧନିଆ ଚଟଣୀ ୨ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ : ଛୋଲେକୁ ୩ରୁ୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏହାପରେ ଅଳ୍ପ ପାଣି ନେଇ ଗାଇଡିଂ କରିଦିଅନ୍ତୁ । ଗାଜର, ପିଆଜ, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଲେ ପେଷ୍ଟରେ ମିଶାନ୍ତୁ । ଲୁଣ ପକାଇ ଭଲ ଭାବେ ମକ୍ଷଳର କରି ଏହାକୁ ତାୱାରେ ଛୋଟ ଛୋଟ ଟିକ୍କା ଭଳିନ୍ନାନ୍ତୁ । ଏହା ଭଲ ଭାବେ ଭାଜି ହୋଇଗଲେ ପରେ କାଢି ଦିଅନ୍ତୁ । ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଛୋଲେ ଟିକ୍କା । ଆପଣ ଏହାକୁ ଦହି କିମ୍ବା ଚଟଣୀ ସହିତ ପରଷନ୍ତୁ ।

ଖବର

ମା' ହେବେ କ୍ୟାଟ୍ରିନା କେଫ

ଖୁସି ଖବର ଦେଲେ କ୍ୟାଟ୍ରିନା କେଫ୍ । ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଏବଂ ଭିକି କୌଶଳ ପିତାମାତା ହେବାକୁ ଯାଉଛନ୍ତି ।ବହୁତ ଦିନ ଧରି ଏହି ଖବର ଚର୍ଚ୍ଚାରେ ଥିବାବେଳେ ଏବେ ଅଭିନେତ୍ରୀଙ୍କ ସ୍ୱାମୀ ଏହା ଘୋଷଣା କରିଛନ୍ତି । ଏହାରି ମଧ୍ୟରେ ସେ ଦୁହେଁ ସୋସିଆଲ ଏକ ଫଟୋ ସେୟାର କରିଛନ୍ତି । ଯାହା ଭାଇରଲ ହେବା ପରେ ସେମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।ସେୟାର କରିଥିବା ଫଟୋରେ କ୍ୟାଟ୍ରିନା ଧଳା ସ୍ଲିଭଲେସ୍ ଡ୍ରେସରେ ନଜର ଆସିଥିଲେ । ଭିକି କୌଶଳ ତାଙ୍କ ବେବି ବମ୍ପକୁ ଧରିଥିବାର ଦେଖିବାକୁ ମିଳିଥିଲା । ଫଟୋରେ କ୍ୟାଟ୍ରିନା ଏବଂ ଭିକି ଖୁବ୍ ଖୁସି ଥିବାର ମଧ୍ୟ ନଜର ଆସିଛନ୍ତ । ଫଟୋ ସେୟାର କରିବା ସହ କ୍ୟାପସନରେ ଲେଖିଛନ୍ତି ଯେ, ଆମ ଜୀବନରେ ବେଷ୍ଟ ଚ୍ୟାପ୍ଟର ଆରମ୍ଭ ହେବାକୁ ଯାଉଛି । ମୋର ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଉଛି । ଏହାରି ମଧ୍ୟରେ ରିଆ କପୁର କ୍ୟାଟ୍ରିନା ଏବଂ ଭିକିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଯଦି ସେମାନଙ୍କ ବିବାହ ସମ୍ପର୍କରେ କୁହାଯାଏ ତେବେ ସେମାନେ ୯ ଡିସେମ୍ବର ୨୦୨୧ରେ ବିବାହ କରିଥିଲେ । ଯାହା ରାଜସ୍ଥାନର ସୱାଇ ମାଧୋପୁରରେ ଅନୁଷ୍ଠିତ ହୋଇଥିଲା । କ୍ୟାଟ୍ରିନା ଏବଂ ଭିକିଙ୍କ ବିବାହର ଫଟୋ ଖୁବ୍ ଚର୍ଚ୍ଚାରେ ଥିଲା । ଫ୍ୟାନ୍ସମାନେ ସେମାନଙ୍କ ଯୋଡ଼ିକୁ ପସନ୍ଦ କରନ୍ତି ଯ ତେଣୁ ସେମାନଙ୍କୁ ଏକାଠି ଦେଖିବାକୁ ଚାହାଁନ୍ତି । ଯଦି ସେମାନଙ୍କ କାମ ସମ୍ପର୍କରେ କୁହାଯାଏ ତେବେ ସେ ଦୁହେଁ ଶେଷ ଥର ପାଇଁ ଫିଲ୍ମ ଚାୱା ରେ ନଜର ଆସିଥିଲେ । ଏହି ଫିଲ୍ମଟି ଏକ ବ୍ଲକବଷ୍ଟର ହିଟ୍ ହୋଇଥିଲା, ଯାହା ରେକର୍ଡ ସୃଷ୍ଟି କରିଥିଲା ।

ତ୍ୱଚା ସୁନ୍ଦର କରାଇବାର ଉପାୟ

ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ୍ୟ ଦେଇ ପାରି ନଥାଆନ୍ତି । ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା ।

ନଡ଼ିଆ ତେଲ -
ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ । ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗ୍ରୀନ ଟି ପ୍ୟାକ୍ -
ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

ଜୀବନ-ମନ୍ତ୍ର: ମା' ଶାରଳା

ଅନ୍ୟାନ୍ୟ ଦେବୀପୀଠ ପରି ଝଙ୍କଡ଼ର ମା' ଶାରଳାଙ୍କ ପୀଠରେ ମଧ୍ୟ ଶାରଦୀୟ ଦୁର୍ଗାପୂଜା ବିଧିମତେ ଅନୁଷ୍ଠିତ ହୁଏ ।ଏହା 'ଶାରଦୀୟ ମହାପୂଜା' ଭାବରେ କଥିତ ହୋଇଥାଏ । ଏ ସଂପର୍କରେ ଉଲ୍ଲେଖ ଅଛି, ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ପରିଯନ୍ତେ / ଉଛବ ବିଧାନ କରିବ ଅର୍ଚ୍ଚନା କରି ନିତ୍ୟେୟ କିଂବଦନ୍ତି ଅଛି, ଯେ ପ□ଦଶ ଶତାବ୍ଦୀର ଓଡ଼ିଆ ଆଦିକବି ସାରଳା ଦାସ, କନ୍ୟାମାସ ଶୁକ୍ଳପକ୍ଷ ଦଶମୀ ଅର୍ଥା ଦଶହରା ରାତିରେ ଏହି ଦେବୀଙ୍କର କୃପାଲାଭ କରିଥିଲେ । 'ଶ୍ରୀଚଣ୍ଡୀପୁରାଣ'ର ଏକ ଉଲ୍ଲେଖ ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେଥିରେ ଉଲ୍ଲେଖ ଅଛି, ଅହୋ କନ୍ୟାମାସ ଶୁକ୍ଳ ପକ୍ଷ ଦଶମୀ ଅପରାଜିତେ / ରାତ୍ରେଣ ସ୍ତୀ ଏକ ଭେଟିଲା ଆସି ମୋତେ । / ତୁଳସୀ ମାଳା ଗୋଟିଏ ମୋହର ହୃଦେ ଦେଇ / ଯେ ଶାସ୍ତକଥା ମୋତେଣ ବସି କହି । ଏହି ଶାରଳା ଦେବୀ 'ସାରୋଳ ଚଣ୍ଡୀ' ଓ 'ସାରଦା (ଶାରଦା) ଠାକୁରାଣୀ' ନାମରେ ମଧ୍ୟ କଥିତ ହୁଅନ୍ତି । ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକ୍‌ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି । ତାଙ୍କ କୃପାରେ ସାରଳା (ବା ସାରୋଳ) ଦାସ କବି ହେବା ତାଙ୍କର ଶାରଦାତ୍ୱ ପ୍ରତିପାଦିତ କରିଥାଏ ।ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ

ବାକ୍‌ଦେବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି ।ଏହି ଦେବୀଙ୍କର ବିଗ୍ରହ ଏକ ନାତିଦୀର୍ଘ ଅଷ୍ଟଭୁଜା ସିଂହବାହିନୀ ମହିଷମର୍ଦ୍ଦିନୀ ବିଗ୍ରହ । ଏକ ଆୟତାକାର ମସୃଣ ଶିଳା ଉପରେ ଏହା ଖୋଦିତ । ଏଠାରେ ମହିଷାସୁରର ମସ୍ତକ ଦୈତ୍ୟର ଏବଂ ଶରୀର ଦାନବର । ଦେବୀଙ୍କର ଦକ୍ଷିଣପାଦ ସିଂହ ଉପରେ ରହିଛି । ସେ ଦୈତ୍ୟର ମସ୍ତକକୁ ଗୋଟିଏ ହସ୍ତରେ ଚାପି ଧରି ଅନ୍ୟ ହସ୍ତର ତ୍ରିଶୂଳରେ ଦୈତ୍ୟର ବକ୍ଷଭେଦ କରୁଛନ୍ତି । ତାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ ଓ ଶ୍ରୀମୁଖ ସୌମ୍ୟ । ଦେବୀ ନିମ୍ନ ଦୁଇହସ୍ତରେ ବୀଣା ଓ ପୁସ୍ତକ ଧାରଣ କରିଛନ୍ତି । ଏଣୁ ପାରମ୍ପରିକ ଭାବରେ ଶାରଳା ଉତ୍କଳର ବାଗ୍ଦେବୀ ଭାବରେ ସ୍ୱୀକୃତ ହୋଇ ଆସିଛନ୍ତି । କବିବର ରାଧାନାଥ ରାୟ ତାଙ୍କ 'ମହାଯାତ୍ରା' କାବ୍ୟର ଆରମ୍ଭରେ ମଧ୍ୟ ତାଙ୍କୁ 'ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ' ବୋଲି କହିଛନ୍ତି ।

ପିଅନ୍ତୁ ତୁଳସୀ ପାଣି : ମିଳେ ଆଶ୍ଚର୍ଯ୍ୟଜନକ ଲାଭ

ଦିନସାରା କାମବ୍ୟସ୍ତତା ମଧ୍ୟରେ ଶରୀରକୁ ଶକ୍ତିର ଆବଶ୍ୟକତା ରହିଛି । ଏହି କାରଣରୁ ବିଶେଷଜ୍ଞ ସକାଳେ ଖାଲି ପେଟରେ ଏପରି କିଛି ଖାଦ୍ୟପାନୀୟ ସେବନ କରିବା ପାଇଁ ପରାମର୍ଶ ଦେଇଥାଆନ୍ତି , ଯାହା ଶରୀରକୁ ଶକ୍ତି ସହ ପୋଷଣ ପ୍ରଦାନ କରିଥାଏ । ସକାଳେ ଉଠିବା ପରେ ଚା' କିମ୍ବା କଫି ପିଇବା ଅଭ୍ୟାସ ବଦଳାଇ ଦିଅନ୍ତୁ । ବାସ୍ତବରେ ଏପରି କିଛି ସ୍ୱାସ୍ଥ୍ୟକର ପାନୀୟ ରହିଛି, ଯାହାକୁ ଚା' କିମ୍ବା କଫି ବଦଳରେ ପିଇପାରିବେ ।ସକାଳେ ଉଠିବା ପରେ ସର୍ବ ପ୍ରଥମେ ଉଷୁମ ପାଣି ପିଇବା ଉଚିତ । କିଛି ଲୋକେ ସକାଳେ ଉଠି ପାଣିରେ ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତି । ବାସ୍ତବରେ ନିଜ ଆବଶ୍ୟକତା ଅନୁଯାୟୀ, ସ୍ୱାସ୍ଥ୍ୟକର ପାନୀୟ ନିଜ ଇଚ୍ଛା ଅନୁଯାୟୀ ଚୟନ କରିପାରିବେ । ତେବେ ଏଭଳି କିଛି ସ୍ୱାସ୍ଥ୍ୟକର ପାନୀୟ ବିଷୟରେ ଜାଣନ୍ତୁ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହେବା ସହ ପାଚନକୁ ସୁସ୍ଥ ରଖିଥାଏ । ସେଭଳି ସ୍ୱାସ୍ଥ୍ୟଉପକାରୀ ଏକ ଜିନିଷ ହେଉଛି ତୁଳସୀୟ ଏହାକୁ ଚେରମୂଳୀର ରାଣୀ ବୋଲି ମଧ୍ୟ କୁହାଯାଏ । ତୁଳସୀପତ୍ରକୁ ପାଣିରେ ଭିଜାଇ ଏହାର ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ,ଏସିଡିଟି, ଛାତି ଓ ଗଳାରେ ହେଉଥିବା ଜଳାପୋଡା ସମସ୍ୟାକୁ ଦୂର କରିଥାଏ । ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ । ସେହିପରି ପାନମଧୁରୀକୁ ଅନେକ ଖାଦ୍ୟ ପ୍ରସ୍ତୁତି ସହ ଅନ୍ୟାନ୍ୟ ବହୁ ଜିନିଷ ପାଇଁ ମଧ୍ୟ ବ୍ୟବହାର କରାଯାଏ । ଏହାସହ ଏହାକୁ ପାଣିରେ ବତୁରାଇ ଏହି ପାଣି ମଧ୍ୟ ପିଇପାରିବେ । ସ୍ୱାଦରେ ଏହା ହାଲକା ମିଠାୟ ଏଥିରେ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ମଧ୍ୟ ରହିଛି । ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ । ଏସିଡିଟି ସମସ୍ୟା ମଧ୍ୟ ଦୂର କରିଥାଏ । ତୁଳସୀ ମଞ୍ଜି ଓ ପାନମଧୁରୀ କେବଳ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ନିୟମିତ ସକାଳେ ଏହି ଦୁଇଟି ଜିନିଷକୁ ପାଣିକୁ ବତୁରାଇ ପିଇବା ଦ୍ୱାରା କେଶ ଘନ ଓ ମଜଭୂତ ହୋଇଥାଏୟ ତ୍ୱଚରେ ମଧ୍ୟ ଏହାର ଉତ୍ତମ ପ୍ରଭାବ ଦେଖାଯାଏ । ଏକ ଚାମଚ ପାନମଧୁରୀ କିମ୍ବା ତୁଳସୀ ମଞ୍ଜି ନିଅନ୍ତୁ । ରାତିରେ ଏହାକୁ ଏକ ଗ୍ଲାସ ପାଣିରେ ମିଶାଇ ରଖନ୍ତୁ । ପରଦିନ ସକାଳେ ଉଠିବା ପରେ ଖାଲି ପେଟରେ ପିଅନ୍ତୁ ।

ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ

ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୁରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୁଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି । ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି । ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୁଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟ ଆମର ସଙ୍କଳ୍ପ

ଭୁବନେଶ୍ୱର,୨୩।୯ (ମହାଭାରତ): ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରାମର୍ଶ ଅନୁସାରେ ଆମ ରାଜ୍ୟରେ ପ୍ରତି ୧ହଜାର ଲୋକମାନଙ୍କ ପାଇଁ ଜଣେ ଡାକ୍ତର ରହିବାର ଆବଶ୍ୟକତା ରହିଛି । ଏହାଛଡ଼ା ରାଜ୍ୟରେ ବର୍ତ୍ତମାନ ଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବା ସହିତ ତାଲିମପ୍ରାପ୍ତ ପାରାମେଡ଼ିକ୍ ମାନବ ସମ୍ବଳ ତିଆରି କରି ଆମର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବାର ଆବଶ୍ୟକ ବୋଲି ବାଚସ୍ପତି ସୁରମା ପାଢୀ ମତବ୍ୟକ୍ତ କରିଛନ୍ତି ।

ରବିବାର ଦିନ 'ଇଣ୍ଡସ୍ ଭ୍ୟାଲି ଟାଇମ୍ସ' ଇଂରାଜୀ ଖବର କାଗଜ ଦ୍ୱାରା ଆୟୋଜିତ 'ଭିଜନ ଓଡ଼ିଶା ହେଲ୍ଥ କନକ୍ଲେଭ'ରେ ଯୋଗଦେଇ ଶ୍ରୀମତୀ ପାଢୀ କହିଲେ ଯେ ରୋଗ ପର ଚିକିତ୍ସା ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି, ରୋଗ ପ୍ରତିରୋଧ ଓ ନିରୋଗ ରହିବା ବିଷୟ ଉପର ମଧ୍ୟ ସମପରିମାଣରେ ଦୃଷ୍ଟି ଦିଆଯାଇପାରିଲେ ସାଧାରଣ ଜନତା ବେଶ୍ ଉପକୃତ ହୋଇପାରିବେ ।

ଏହି କନକ୍ଲେଭରେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଲେ ଯେ 'ହେଲ୍ଥ ଫର୍ ଅଲ୍' ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ । ଆଗକୁ ପ୍ରତ୍ୟେକ ଜିଲ୍ଲାରେ ମେଡ଼ିକାଲ କଲେଜ୍ ପ୍ରତିଷ୍ଠା କରି ଜିଲ୍ଲାସ୍ତରରେ ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ଘର ନିକଟରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାକୁ ଯାଉଛନ୍ତି । ଏବେ ନିକଟରେ ସରକାର ୯୮ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି କରିବା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଖାଲିଥିବା ଡାକ୍ତରୀ ପଦବୀ ପୂରଣ ପାଇଁ ନିୟମିତ ଭାବେ ନିଯୁକ୍ତି ପ୍ରକିୟା ଜାରି ରଖିଛନ୍ତି । ନିକଟରେ ୧୮୪୦ ଡାକ୍ତର ଓ ୫୦୦୦ ପାରାମେଡିକ୍ ଷ୍ଟାଫ୍ ନିଯୁକ୍ତି ନେଇ ଘୋଷଣା କରିଛନ୍ତି । ଏ ନେଇ ପ୍ରକ୍ରିୟା ଜାରି ରହିଛି । ଏହା ପ୍ରକ୍ରିୟା ସମ୍ପାଦିତ ହେଲାପରେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବ୍ୟାପକ ଉନ୍ନତି ଆସିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି ।

ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ତାଙ୍କ ବ୍ୟକ୍ତବ୍ୟରେ ରାଜ୍ୟର ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ମୋହନ ମାଝି ସରକାର ନେଇଥିବା ଅନେକ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିବା ସହିତ ଆୟୁଷ୍ମାନ ଯୋଜନାର ଉପକାରିତା ଉପରେ ଆଲୋଚନା କରିଥିଲେ ।

ଓଡ଼ିଶାର ପୂର୍ବତନ ଅର୍ଥ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ତାଙ୍କ ମନ୍ତ୍ରିତ୍ୱକାଳରେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି କିପରି ଉନ୍ନତି ହୋଇଥିଲା ସେ ସମ୍ପର୍କରେ ଅବଗତ କରିବା ସହିତ ରାଜ୍ୟରେ ଖାଲିଥିବା ଡାକ୍ତରୀ ଓ ଅନ୍ୟାନ ପଦବୀ ଗୁଡିକ ପୂରଣ ଉପରେ ଗୁରତ୍ୱ ପ୍ରଦାନ କରିଥିଲେ । ବିଜୁ ଜନତା ଦଳ ବିଧାୟକ ରୂପେଶ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ପବିତ୍ର କୁମାର ସାଉଁଟା ସେମାନ ନିଜନିଜ ଅଞ୍ଚଳର ସ୍ୱାସ୍ଥ୍ୟସେବା ଓ ସମସ୍ୟା ଉପରେ ଆଲୋଚନା କରିବା ସହିତ ସରକାରଙ୍କୁ ଗରବ ଜନସାଧାରଣଙ୍କୁ ଉପଯୁକ୍ତ ଚିକିତ୍ସା ଠିକ୍ ସମୟରେ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ବାଦିକ ଅକ୍ଷୟ କୁମାର ସାହୁ ଏହି କନକ୍ଲେଭର ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାମ୍ବାଦିକ ଶ୍ରୀରାମ ଦାଶ ସଭାପତିତ୍ୱ କରିଥିଲେ ।

ବିଜେଡ଼ି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ

ଭୁବନେଶ୍ୱର,୨୩।୯ (ମହାଭାରତ): ରାଷ୍ଟ୍ରୀୟ ବିଚାରଧାରାରେ କାର୍ଯ୍ୟ କରୁଥିବା ଦଳ ହେଉଛି ବିଜେପି । ଏହି ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ । ଓଡ଼ିଶାରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି । ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶତାଧିକ ସରପଂଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତ୍ତା ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଆଜି ବିଜେପିରେ ସାମିଲ ହୋଇଛନ୍ତି । ଏହି ଯୋଗଦାନ ତୃଣମୂଳସ୍ତରରୁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏହି ଅବସରରେ ବୌଦ୍ଧ ଜିଲ୍ଲାର ଆଇନଜୀବୀ ପୃଥ୍ୱୀରାଜ ମେହେରଙ୍କ ସମେତ ବୌଦ୍ଧ ଜିଲ୍ଲା ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତେଲିବନ୍ଧର ବରିଷ୍ଠ ନେତା ତଥା ପୂର୍ବତନ ସରପଂଚ ଭୋଳାଗିରି ସାହୁ, କଷ୍ଟେଶ୍ୱର ଖଟୁଆ, ସରପଂଚ ପ୍ରଦୀପ କୁମାର କହଁର, ପ୍ରବାସିନୀ ଯୋଶୀ, ସୀତା ଝଙ୍କାର, ସନ୍ଧ୍ୟାରାଣୀ ପାତ୍ର, ବିଭୂତି ପ୍ରକାଶ ମେହେର, ପ୍ରଫୁଲ୍ଲ ପାଢୀ, ମଦନ ମୋହନ ସୁନା, ପ୍ରଶାନନ୍ଦ ମଲ୍ଲିକ, ଅର୍ତି ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ପରେଶ୍ୱର ଧଳ, ମାନା ପାତ୍ର, ବଶିଷ୍ଠ ମେହେର, ନୀରୋଦ ସେଠୀ, ରାଜକିଶୋର ମାଝି, ଚିନ୍ମୟ ପ୍ରସାଦ ହୋତା, ଭବାନୀ କର୍ଣ୍ଣ, ମନୋଜ ଗୁରୁ, ଶେଷଦେବ ପ୍ରଧାନ, ବିଚିତ୍ର ବେହେରା, କବିରାଜ ସାହୁ, ଅଲେଖ ଦେହୁରୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।

ଡାକ୍ତର ସମସ୍ୟା ନେଇ ନାଓ ସମ୍ମିଳନୀରେ ଉଦ୍‌ବେଗ

ଭୁବନେଶ୍ୱର,୨୩।୯ (ମହାଭାରତ): ବିଭିନ୍ନ କାରଣରୁ ଏବେ ସାରା ଦେଶରେ ସ୍ନାୟୁଜନିତ ରୋଗ ବଢ଼ିବାରେ ଲାଗିଛି । ଓଡ଼ିଶାରେ ମଧ୍ୟ ସ୍ଥିତି ସମାନୁପାତିକଭାବେ ବଢ଼ିଛି । ମାତ୍ର ଏହି ରୋଗର ଚିକିତ୍ସା କରାଉଥିବା ବିଭାଗୀୟ ଡାକ୍ତରମାନଙ୍କ ସଂଖ୍ୟା ବହୁତ କମ୍ । ଏଥିପାଇଁ ସ୍ନାୟୁ ରୋଗ ବିଭାଗ ବିଶେଷଜ୍ଞ ତଥା ଡାକ୍ତରମାନଙ୍କ ପାଖରେ ପ୍ରତିଦିନ ରୋଗୀଙ୍କର ଲମ୍ବା ଧାଡ଼ି ଲାଗୁଛି । ଏଭଳି ତଥ୍ୟ ଉପସ୍ଥାପନ କରି ଓଡ଼ିଶା ନ୍ୟୁରୋଲୋଜି ଆସୋସିଏସନ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଡାକ୍ତରମାନେ । ଅନ୍ୟପକ୍ଷରେ ଏଭଳି ସମସ୍ୟାର ସମାଧାନ ବାଟ ଫିଟାଇବା କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ । ନ୍ୟୁରୋଲୋଜି ଆସୋସିଏସନ ଅଫ୍ ଓଡ଼ିଶା ବା ନାଓ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ତିନିଦିନିଆ କର୍ମଶାଳା । ଅନୁଷ୍ଠାନର ସଭାପତି ଡାକ୍ତର ବି.କେ କୁଅଁରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି

କର୍ମଶାଳାରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ବରିଷ୍ଠ ସ୍ନାୟୁ ରୋଗ ବିଶେଷଜ୍ଞ ତଥା ନାଓର କାର୍ଯ୍ୟନିର୍ବାହୀ ସଂପାଦକ ଡାକ୍ତର ସୌମ୍ୟଦର୍ଶନ ନାୟକ । ଏଥିରେ ମୁଖ୍ୟ ଅତିଥିଭାବେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ଦେଇଥିଲେ । ଦେଶବିଦେଶର ବହୁ ସ୍ନାୟୁରୋଗ ବିଭାଗ ଡାକ୍ତରମାନେ ଏଥିରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ଡାକ୍ତର ସୌମ୍ୟଦର୍ଶନ ନାୟକ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶାରେ ସ୍ନାୟୁରୋଗ ବିଭଗ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରାଯିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ଡାକ୍ତରୀପାଠରେ ଜଟିଳତା ସ୍ନାୟୁରୋଗ ବିଭାଗ ଡାକ୍ତରଙ୍କ ସଂଖ୍ୟା କମିବାର ମୁଖ୍ୟ କାରଣ ବୋଲି ଦର୍ଶାଇଥିଲେ । ଏହାପରେ ସାଂସଦ ଶ୍ରୀ ପାଣିଗ୍ରାହୀ ଏଥିନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କିଛି ପ୍ରତିଷ୍ଠିତ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସ୍ନାୟୁରୋଗ ସଂପର୍କିତ ସନ୍ଦର୍ଭ ଉପସ୍ଥାପନ ହୋଇଥିଲା ।

ବଜାଜ ଫିନସର୍ଭ ଫ୍ଲେକ୍ସିକ୍ୟାପ ଫଣ୍ଡ ୫,୪୦୦ କୋଟି ଟଙ୍କାରଏୟୁଏମ ଅତିକ୍ରମ

ଭୁବନେଶ୍ୱର,୨୩।୯ (ମହାଭାରତ): ବଜାଜ ଫିନସର୍ଭଏଏମସିଏହାର ଫ୍ଲାଗସିପ୍ ଇକ୍ୟୁଟି ଫଣ୍ଡ, ବଜାଜ ଫିନସର୍ଭ ଫ୍ଲେକ୍ସିକ୍ୟାପ ଫଣ୍ଡର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ସହିତ 'ମେଗାଟ୍ରେଣ୍ଡସ୍' ପୁଞ୍ଜି ବିନିଯୋଗ ଖର୍ଚ୍ଚର ପଦକ୍ଷେପ ନେଇଛି । ଏହି ପାଣ୍ଠି ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟର ସଫଳତା ହାସଲ କରିବା ସହିତ, ଏହାର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ)ରେ ୫,୪୧୦.୦୪ କୋଟି (୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ)ର ଅଭିବୃଦ୍ଧି କରିପାରିଛି ଯାହାକି ମାତ୍ର ଦୁଇବର୍ଷର ସମୟ ଅବଧି ମଧ୍ୟରେ । ଏହାର ପ୍ରତିଷ୍ଠାହେବା ପରଠାରୁ, ଏହି ପାଣ୍ଠି ଏକ ବିରାଟକାୟ ଦକ୍ଷତା ପ୍ରଦର୍ଶିତକରିବାସହିତ, ୧୯.୧୯% ସିଏଜିଆର ଏହାରରେ ଗୁଲାର ପ୍ଲାନ ଅଧିନରେ ତଥା ୨୦.୯୧% ଏହାର ପ୍ରତ୍ୟକ୍ଷଯୋଜନା (ଯାହାକି ୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ) ଅଧିନରେ ପ୍ରଦାନ କରିଅଛି । ଏହି ପାଣ୍ଠି ଏକ ମେଗାଟ୍ରେଣ୍ଡସ ପୁଞ୍ଜିନିବେଶ ପଦକ୍ଷେପ ଗ୍ରହଣ କରିବା ସହିତ, ଜ୍ଞାନକୌଶଳ, ନୀତି ନିର୍ଦ୍ଧାରଣରେ ପରିବର୍ତ୍ତନ, ଭୌଗୋଳିକ ପରିବେଶ ଏବଂ ସାଙ୍ଗଠନିକ ରୂପାନ୍ତରିକରଣକୁ ଦୂର ଅବଧି ଢ଼ାଞ୍ଚାର ପରିବର୍ତ୍ତନକୁ ନେଇବିଭିନ୍ନ ଅବସ୍ଥିତି ମଧ୍ୟରେ ପୁଞ୍ଜିକରଣ କରିପାରିଛି । ବିଭିନ୍ନ କ୍ଷେତ୍ରରେ ରହିଥିବା ପୁଞ୍ଜି ଲଗାଣର ସ୍ଥିତିକୁ ଏହାର ମୂଳସପକ୍ଷତାର ଚିହ୍ନଟ ଦ୍ୱାରା ଦୂରେଇ ହୋଇରହିଥିବା ଗତିବିଧିକୁ ସୁବିଧା ପ୍ରଦାନ ପୂର୍ବକ ପାଣ୍ଠିର ମୂଳଲକ୍ଷ୍ୟ ଏହି ଦୂର ଅବଧି ଅଭିବୃଦ୍ଧିକୁ ସମର୍ଥନ ପ୍ରଦାନ କରିବା । ମାର୍କେଟ ଭିତ୍ତିଭୂମିକୁ ନେଇ ଏଭଳି ଗଠନଶୈଳୀକୁ ବ୍ୟବହାର କରି ଏହି ପାଣ୍ଠି ନିକଟରେ ଏହାର ପ୍ରମୁଖତାକୁଚୟନ କରି ୮୧ଟି ଷ୍ଟକରେ ବିବିଧ ପୋର୍ଟଫୋଲିଓରେ ନିବେଶ କରିଛି ।

ବାଚସ୍ପତିଙ୍କୁ ଭେଟିଲେ କର୍କଟ ଯୋଦ୍ଧା

ଭୁବନେଶ୍ୱର,୨୩।୯ (ମହାଭାରତ): ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ । କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି

କରିବା ସହ ଜୀବନ ପ୍ରତି ନୂତନ ଆଶା ସଂଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ । କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜିଇଁବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ଆଓ୍ୱାକେନ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଗତିକା ଆଚାର୍ଯ୍ୟଙ୍କ ପ୍ରୟାସରେ କର୍କଟ ରୋଗ ସହ ଲଢ଼ି ସେଥିରୁ ମୁକ୍ତ ହୋଇଥିବା କର୍କଟ ଯୋଦ୍ଧା ବିଧାନସଭାଠାରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ାଙ୍କୁ ଭେଟିଥିଲେ । ମାନ୍ୟବର ବାଚସ୍ପତି ସେମାନଙ୍କୁ ଗୋଲାପଗୁଚ୍ଛ ପ୍ରଦାନ କରି ସେମାନଙ୍କର ଦୃଢ଼ ମନୋବଳର ଭୂୟସୀ ପ୍ରଶଂସା କରିବା ସହ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ।

ଏହି ଅବସରରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବାବୁ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି କର୍କଟ ଯୋଦ୍ଧାମାନଙ୍କର ମନୋଭବ ବୃଦ୍ଧି କରିବା ସହ ଏହି ଯାତ୍ରାରେ ଲଢ଼େଇ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ ।

ଡଲାର ମିସି ଲଂଚ୍ କଲା ଫେଷ୍ଟିଭ୍ କଲେକସନ୍

ଭୁବନେଶ୍ୱର,୨୩।୯ (ମହାଭାରତ): ପାର୍ବଣ ଋତୁ ପାଇଁ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏହାର ମହିଳା ପୋଷାକ ବ୍ରାଣ୍ଡ, ଡଲାର ମିସି ପାଇଁ ଏକ ନୂତନ ଫେଷ୍ଟିଭ୍ କଲେକସନ୍ ଲଚ୍ କରିଛି, ଯାହା "ମିସି ନେ ବନା ଦି ଯୋଡ଼ି" ଶୀର୍ଷକ ଏକ ରୋମାଂଚକର ବିଜ୍ଞାପନ ଅଭିଯାନ ସହିତ ସଂପୂର୍ଣ୍ଣ ପୋଷାକ ଯୋଡ଼ିବାର ଶକ୍ତିକୁ ପାଳନ କରୁଛି । ସମୃଦ୍ଧ, ଉତ୍ସବମୁଖର ରଙ୍ଗ, ଫିଗର-ଫ୍ଲାଟରିଂ ଫିଟ୍ ଏବଂ ବହୁମୁଖୀ ଡିଜାଇନର ଏକ ଆରେ ସହିତ, ନୂତନ କଲେକସନ୍ ଆଜିର ମହିଳାମାନଙ୍କର ଷ୍ଟାଇଲ୍ ଆବଶ୍ୟକତା ପୂରଣ କରିବା ପାଇଁ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କରାଯାଇଛି । ଷ୍ଟାଇଲିସ୍ ଟ୍ୟୁନିକ୍, ସୁନ୍ଦର କୁର୍ତି କିମ୍ବା କାଜୁଆଲ୍ ଟପ୍ସ ସହିତ ଯୋଡା ହେଉ, ମିସି ଲେଗିନ୍ସ ପ୍ରତ୍ୟେକ ପୋଷାକକୁ ଉଚ୍ଚ କରିଥାଏ, ସେଗୁଡ଼ିକୁ ଋତୁ ପାଇଁ ଏକ ଆବଶ୍ୟକୀୟ କରିଥାଏ । ଅଭିଯାନ ଏକ ସତେଜ, ଫ୍ୟାଶନ୍-ଫରୱାର୍ଡ ଉତ୍ସବମୁଖର ସଂଗ୍ରହ ପ୍ରଚଳନ କରେ ଯାହା ଆରାମ, ରଙ୍ଗ ଏବଂ ସମସାମୟିକ ଶୈଳୀକୁ ମିଶ୍ରଣ କରେ । ଏହି ଅବସରରେ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଲେ,ପାର୍ବଣ ଋତୁଗୁଡ଼ିକ ଆପଣଙ୍କୁ ସର୍ବୋତମ ଦେଖାଯିବା ଏବଂ ଅନୁଭବ କରିବା ବିଷୟରେ, ଏବଂ ଆମର ନୂତନ ଡଲାର ମିସି ସଂଗ୍ରହ ସହିତ, ଆମେ ଆରାମ ଏବଂ ଉତ୍ସବର ସ୍ୱାଦରର ଏକ ଉତମ ମିଶ୍ରଣ ସୃଷ୍ଟି କରିଛୁ । ଏହି ଲଚ୍ ହେଉଛି ସ୍ପନ୍ଦନଶୀଳ ରଙ୍ଗ, ବହୁମୁଖୀ ଶୈଳୀ ଏବଂ ସମ୍ପୂର୍ଣ୍ଣ ଫିଟ୍‌ରୁ ଆସୁଥିବା ଆତ୍ମବିଶ୍ୱାସର ଏକ ଉତ୍ସବ । ଡଲାର ମିସିର ବ୍ରାଣ୍ଡ ଆମ୍ବାସାଡର ଯାମି ଗୌତମଙ୍କୁ ନେଇ ଆମର ନୂତନ ଟିଭିସି ସୁନ୍ଦର ଭାବରେ ସେହି ଆତ୍ମାକୁ କଏଦ କରେ, ଦେଖାଏ ଯେ ମିସି ଲେଗିଂସ କିପରି ପ୍ରତ୍ୟେକ ଉତ୍ସବର ଲୁକ୍ସ ସହଜ ଆକର୍ଷଣ ସହିତ ପୂରଣ କରେ ।

ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ବୈଠକ

ଭୁବନେଶ୍ୱର,୨୩।୯ (ମହାଭାରତ): ଶୁକ୍ରବାର ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପରିସରରେ ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଅନୁଷ୍ଠିତ ହୋଇଛି । ଆଇଏମପିସିସି ଓଡ଼ିଶାରେ କାର୍ଯ୍ୟରତ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭାଗ ତଥା ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାନ ଓ କାର୍ଯ୍ୟାଳୟ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ ।

ବୈଠକରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ଓ ପ୍ରସାର ସମ୍ପର୍କରେ ବିଚାରବିମର୍ଶ କରାଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏଡିଜି ଶ୍ରୀ ମିଶ୍ର କେନ୍ଦ୍ର

ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାରପ୍ରସାର ନିମନ୍ତେ ସ୍ୱତନ୍ତ୍ର ରଣନୀତି ଆପଣାଇବା ଲାଗି ସେ ପରାମର୍ଶ ଦେଇଥିଲେ ।

ବୈଠକରେ ଗେଲ୍ଲ ଡିଜିଏମ ଏନ. ମିଶ୍ର, ବିଏସଏନଏଲ ଡିଜିଏମ ଅଲିଭା ମହାପାତ୍ର, ଏସଡିଓ ପ୍ରତାପ ଚନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ଆ

ବିଶୃଙ୍ଖଳା ବା ଅରାଜକତା

ଅନେକ ସମୟରେ ଛୋଟ ଛୋଟ ଘଟଣା ବା ଅଘଟଣକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଆନ୍ଦୋଳନ କରନ୍ତି। ରାସ୍ତା ରୋକ, ରେଳରୋକ କରନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ନାକେଦମ ହେବାକୁ ପଡ଼ିଥାଏ। ଅନ୍ୟମାନେ ଏଥିରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଅର୍ଥାତ କିଛି ଲୋକ ନିଜ ଇଚ୍ଛାରେ ଅନ୍ୟର ଅଧିକାରକୁ ଅପହରଣ କରନ୍ତି। ଏହାକୁ କହନ୍ତି ବିଶୃଙ୍ଖଳା ବା ଅରାଜକତା। ଏହା ବ୍ୟତିତ ସରକାରଙ୍କ କିଛି ନିଷ୍ପତ୍ତି ବା ନିଷ୍କ୍ରିୟତା ପ୍ରତିବାଦରେ ବିରୋଧୀ ଦଳ ମଧ୍ୟ ଆନ୍ଦୋଳନକୁ ଓହ୍ଲାନ୍ତି। ବଡ଼ ଧରଣର ସମାବେଶ ଆୟୋଜିତ ହୋଇଥାଏ। ଏହା ରାଜନୈତିକ ଦଳର ଅଧିକାର। କିନ୍ତୁ ଅନେକ ସମୟରେ ଏହା ସୀମା ଟପିଟାଇଥାଏ ଏବଂ ଏହା ଦ୍ୱାରା ସାଧାରଣ ଜନତା କଷ୍ଟ ସ୍ୱୀକାର କରନ୍ତି। ବିରୋଧୀ ଦଳ ବା ସଙ୍ଗଠନର ବନ୍ଦ ଆହ୍ୱାନ ଯୋଗୁ ଦେଶର କେତେ କ୍ଷତି ହୁଏ ତାହା ଆକଳନ କରାଯାଇପାରିବନି। କିଛି ବର୍ଷ ତଳେ କେରଳ ହାଇକୋର୍ଟ ବନ୍ଦ ଉପରେ ରୋକ ଲଗାଇଥିଲେ। କିନ୍ତୁ କୌଣସି ରାଜନୈତିକ ଦଳ ଏହାକୁ ମାନିଲେ ନାହିଁ। କାରଣ ରାଜନେତାମାନେ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ନିଜର ଭୋଟ ପାଇଁ ଏହା କରନ୍ତି। ସମ୍ଭବତଃ ଭାରତରେ ଯେତେ ଜନଆନ୍ଦୋଳନ ହୋଇଥାଏ ତାହା ବିଶ୍ୱର ଅନ୍ୟ କେଉଁଠାରେ ଦେଖାଯାଏନି। ବଡ଼ କଥା ହେଲା ଅନେକ ସମୟରେ ଆନ୍ଦୋଳନ ନାମରେ ଅରାଜକତା ସୃଷ୍ଟି ହୋଇଥାଏ। କିଚି ବର୍ଷ ତଳେ ସିଏଏ ବିରୋଧରେ ଏଭଳି ଜନଆନ୍ଦୋଳନ ଅରାଜକତାରେ ପରିଣତ ହୋଇଥିଲା। ଏହି ଆନ୍ଦୋଳନର କୌଣସି ଯଥାର୍ଥତା ନଥିଲା। ସରକାର ବାରମ୍ବାର ସ୍ପଷ୍ଟ କଲେ ଯେ, ସିଏଏ କାହାର ନାଗରିକତା ଛିନ୍ନ କରିବାକୁ ନୁହେଁ, ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ ଲାଗି ଉଦ୍ଦିଷ୍ଟ। ଅତୀତରେ ଇନ୍ଦିରା ଗାନ୍ଧି ମଧ୍ୟ ଏହା କରିଥିଲେ। କିନ୍ତୁ ଚେଇଁ ଶୋଇବ ଯିଏ ତାକୁ ଉଠାଇବ କିଏ? ସେହିପରି କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଏଭଳି ଆନ୍ଦୋଳନ ହୋଇଥିଲା। ମାସ ମାସ ଧରି ରାଜଧାନୀ ଦିଲ୍ଲୀର ପ୍ରବେଶ ପଥକୁ କଅଷକମାନେ ଅବରୋଧ କଲେ। ସାଧାଣତନ୍ତ ଦିବସରେ ଦିଲ୍ଲୀରେ ପଞ୍ଜାବର କୃଷକମାନେ ପଶି ହଙ୍ଗାମା କଲେ। ଏହା ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଥିଲା। ସରକାର ଚାହିଁଥିଲେ ଏହାକୁ ଦୃଢ଼ ହସ୍ତରେ ଦମନ କରିପାରିଥାଆନ୍ତେ। କିନ୍ତୁ ସମ୍ବିଧାନରେ ଥିବା ଅମୌଳିକ ଅଧିକାରକୁ ସମ୍ମାନ ଦେଇ ସରକାର ନିରବ ରହିଲେ। ଶେଷରେ ପ୍ରଧାନମନ୍ତ୍ରୀ କ୍ଷମା ମାଗିଲେ ଏବଂ କୃଷି ଆଇନକୁ ପ୍ରତ୍ୟାହାର କଲେ। କିନ୍ତୁ ବାସ୍ତବରେ ଏହି ଆଇନ ଦେଶର କୃଷି ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ଉଦ୍ଦିଷ୍ଟ କଲେ। କିଛି ମୁଷ୍ଟିମେୟ ବ୍ୟକ୍ତି ନିଜ ରାଜନୈତିକ ସ୍ୱାର୍ଥ ହାସଲ ଲାଗି ଏହାକୁ ଉସୁକାଇଥିଲେ। ଏଭଳି ଅରାଜକତା ଦେଶର ସ୍ୱାର୍ଥ ବିରୋଧୀ। ଏବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିର୍ବାଚନ କମିଶନ ଓ ବିଜେପି ବିରୋଧରେ ଭୋଟ ଚୋରି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ବିଜେପି ୨୦୧୪ରୁ ଆଜି ପର୍ଯ୍ୟନ୍ତ ଯେତେ ନିର୍ବାଚନ ଜିତିଛି ତାହା ଭୋଟ ଚୋରି କରି ଜିତିଛି। ଏପରିକି ୨୦୧୪ ପୂର୍ବରୁ ଗୁଜରାଟରେ ବିଜେପି ଏଭଳି ଭୋଟ ଚୋରି କରି ବାରମ୍ବାର ବିଧାନସଭା ନିର୍ବାଚନ ଜିତିଛି। ଏହା ଏକ ଗୁରୁତର ଅଭିଯୋଗ। ନିର୍ବାଚନ କମିଶନଙ୍କ ଭଳି ଏକ ସାମ୍ବିଧାନିକ ପୀଠ ବିରୋଧରେ ଏଭଳି ଅଭିଯୋଗକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ।

ନିଜ ଦୋଷ ଖୋଜ

॥ ଇଂ. ସଚ୍ଚିଦାନନ୍ଦ ନନ୍ଦ ॥

ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ।

କେତେକ ଲୋକ ଅନ୍ୟମାନଙ୍କର ଛୋଟ ଛୋଟ ଭୁଲକୁ ଗର୍ହିତ ଦୋଷ ମନେକରନ୍ତି କିନ୍ତୁ ନିଜ ଠାରେ ଥିବା ଜଘନ୍ୟ ଭୁଲକୁ ଦେଖିପାରନ୍ତି ନାହିଁ। ଏହା ଏକ ଗୁରୁତର ତ୍ରୁଟି। ସଠିକ୍ ପଦ୍ଧତି ହେଉଛି ନିଜର ଛୋଟ ଛୋଟ ଦୋଷକୁ ବଡ଼ ଭୁଲଭାବେ ଦେଖ ଓ ଅନ୍ୟର ବଡ଼ ଭୁଲଗୁଡ଼ିକୁ ନଗଣ୍ୟ ମନେକର। ଏହାଦ୍ୱାରା ତୁମେ ନିଜ ଭୁଲଗୁଡ଼ିକୁ ସଜାଡ଼ି ପାରିବ'' ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସନ୍ଦେଶରେ ଆମ ସମସ୍ତଙ୍କୁ ଆଧ୍ୟାତ୍ମିକ ସୂଚନା ପ୍ରଦାନ କରିଛନ୍ତି ଯେ ଏହି ମନୋବୃତ୍ତି ସାହାଯ୍ୟରେ ତୁମେ ଈଶ୍ୱରୋପଲବ୍ଧି ହାସଲ କରିପାରିବ। ମାନବୀୟ ପ୍ରେମ ସ୍ୱାର୍ଥପୂର୍ଣ୍ଣ, ଦୈବୀପ୍ରେମ, ସ୍ୱାର୍ଥଶୂନ୍ୟ ଓ ଆଧ୍ୟାତ୍ମିକ। ତାଙ୍କ ପ୍ରେମ ନିର୍ମଳ ପ୍ରେମ। ଭଗବାନଙ୍କୁ ଚିରନ୍ତନ, ଅମୃତମୟ, ବିମଳ, ନିର୍ମଳ ବୋଲି ବର୍ଣ୍ଣନା କରାଯାଇଛି। ଭଗବତ ପ୍ରେମ ଆସ୍ୱାଦନ କରିବାକୁ ହେଲେ ତୁମକୁ ସ୍ୱାର୍ଥଭାବ ଭଳି ସଂକୀର୍ଣ୍ଣ ଭାବ ବର୍ଜନ କରି ପ୍ରେମଭାବ ସଂପ୍ରସାରଣ କରିବାକୁ ହେବ। ନବ ବିବାହିତ ଦମ୍ପତ୍ତିଙ୍କ ମଧ୍ୟରେ ଥିବା ପ୍ରେମଭାବ ଦିନକୁ ଦିନ କିଭଳି ହ୍ରାସ ପାଉଥାଏ ତାହାର ଏକ ଉଦାହରଣ ଦେଖାଯାଉ। ସ୍ୱାମୀ ସ୍ତ୍ରୀ ରାସ୍ତାରେ ଯାଉଥିବା ବେଳେ ଆଗରେ ପଡ଼ିଥିବା କଣ୍ଟାଟିଏ ଆଖିରେ ପଡ଼ିଗଲେ, ସ୍ୱାମୀଙ୍କର କି ବ୍ୟସ୍ତତା ଦେଖାନଯାଏ? ବିବ୍ରତ ହୋଇପଡ଼ି ସ୍ୱାମୀ ସ୍ତ୍ରୀକୁ ଗୋଟିଏ ପାଖକୁ ଟାଣିନିଏ, ଯେପରି ସ୍ତ୍ରୀ ପାଦ କଣ୍ଟା ମାଡ଼ି ନପକାଉ। କିଛିବର୍ଷ ଅନ୍ତରରେ ପୁନର୍ବାର ଅନୁରୂପ ପରିସ୍ଥିତିରେ ସ୍ୱାମୀ କହିବ, 'କଣ୍ଟା ପଡ଼ିଛି, କ'ଣ ଆଖିକୁ ଦିଶୁନି?' ସାଂସାରିକ ପ୍ରେମ ଏହିଭଳି ଭାବେ ତା'ର ମାତ୍ରା ହରାଉଥିବା ବେଳେ ଦିବ୍ୟପ୍ରେମ ସବୁଦିନ ସ୍ଥିର ଓ ଗଭୀର ରହିଥାଏ। ଦିବ୍ୟପ୍ରେମର ମହତ୍ୱ ଲୋକେ ବୁଝିପାରନ୍ତି ନାହିଁ। ସେମାନେ ସେ ପ୍ରେମକୁ କଦର୍ଥ କରି ଭଗବାନଙ୍କୁ ନିନ୍ଦା କରିବା ପର୍ଯ୍ୟନ୍ତ ଯାଇପାରନ୍ତି, ଯେତେବେଳେ ତାଙ୍କ ନୀଜ କାମନା ଗୁଡ଼ିକ ପୂରଣ ନହୁଏ। କେତେକ ମୋକ୍ଷ ଚାହୁଁଥାନ୍ତି। ମୋକ୍ଷ କ'ଣ? କାମନାରୁ ମୁକ୍ତି ପାଇବା ହିଁ ମୋକ୍ଷ। କେତେକ ଭଗବାନଙ୍କୁ ଦର୍ଶନ କରିବାକୁ ଚାହାନ୍ତି। ଏଥିପାଇଁ ଆବଶ୍ୟକୀୟ ବିଶ୍ୱାସ ଓ ଭାବ ତୁମେ ହୃଦୟରେ ପୋଷଣ କରିବା ଉଚିତ ନୁହେଁ କି?

ଅନେକଙ୍କ ଭିତରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ ଦିବ୍ୟପ୍ରେମ ଲାଭ କରିବା ପାଇଁ ଆମ ମାନଙ୍କର ଆବଶ୍ୟକତା କ'ଣ ଓ ତାତ୍ପର୍ଯ୍ୟ କ'ଣ? ବଡ଼ ସୁନ୍ଦର ଭାବରେ ଭଗବାନ ବାବା କହିଛନ୍ତି ଯେ ଭକ୍ତି ଓ ବିଶ୍ୱାସ ନଥିଲେ ତୁମେ ତାଙ୍କ ସହିତ ବସବାସ କଲେ ମଧ୍ୟ ତାଙ୍କୁ ଦେଖିପାରିବ ନାହିଁ, ପଦ୍ମଫୁଲ ପାଖରେ ଥିବା ବେଙ୍ଗ ପଦ୍ମ ଭିତରେ ଥିବା ମଧୁ ବିଷୟରେ ଅବହିତ ନହେବା ସଦୃଶ। କିନ୍ତୁ କାହିଁ କେତେ ଦୂରରୁ ମଧୁମକ୍ଷିକା ମାନେ ପଦ୍ମଫୁଲ ପାଖକୁ ଆସି ମଧୁ ଆସ୍ୱାଦନ କଲାଭଳି ଦୂର ବିଦେଶରୁ ଲୋକମାନେ ଆସି ଭଗବାନଙ୍କ ସୁମିଷ୍ଟ ମଧୁରତା ପ୍ରାପ୍ତ ହୋଇପାରୁଛନ୍ତି, ଅଥଚ ପାଖରେଥିବା ଲୋକେ ସେଥିରୁ ବଞ୍ଚିତ। ଦିବ୍ୟ ସାନ୍ନିଧ୍ୟ ମଣିଷକୁ ମଧ୍ୟ ଦୈବୀସ୍ତରକୁ ଉତଥିତ କରିଦେଇପାରେ। ଏହାକୁ ବୁଝିନପାରି ଅନେକ ଲୋକ ତାଙ୍କ ଜୀବନକୁ ବ୍ୟର୍ଥ କରି ଦେଉଛନ୍ତି। ପ୍ରତ୍ୟେକଙ୍କ ଠାରେ ପ୍ରେମଭାବ ବିଦ୍ୟମାନ, କିନ୍ତୁ ତାହା ସ୍ୱାର୍ଥଭାବ ପ୍ରଣୋଦିତ ହୋଇପଡ଼ିବାରୁ ଆସକ୍ତିରେ ପରିଣତ ହୋଇଯାଉଛି। ଦୈବୀପ୍ରେମର ଅନୁଭୂତି ପାଇଁ ଆଶାୟୀ ହୁଅ। ଆଧୁନିକ ଯୁବକମାନେ ପ୍ରେମର ସ୍ୱଭାବ ବିଷୟରେ ଅବଗତ ହେବା ଦରକାର। ବିଦେଶାଗତ ଅନେକ ଯୁବକ ଯୁବତୀ ପରସ୍ପରକୁ ପୁରୁଷ ବନ୍ଧୁ, ମହିଳାବନ୍ଧୁ କହି ଅବାଧ ମିଳାମିଶା କରୁଛନ୍ତି। ଯଦି ପ୍ରକୃତରେ ପରସ୍ପରକୁ ଭଲ ପାଉଥାଅ, ତେବେ ବିବାହ କରିନିଅ, ବନ୍ଧୁ ହିସାବରେ କାହିଁକି? କିଛି ବର୍ଷ ପୂର୍ବେ ବିଦେଶାଗତ ଯୁବକଟିଏ ଏଠାରେ ଗଛତଳେ ମନ ଦୁଃଖରେ ବସିଥାଏ। ତାକୁ ଅତି ବେଶୀରେ ୧୯ହେବ। ପଚାରିବାରୁ ସେ କହିଲା, ତା'ର ଦ୍ୱିତୀୟ ସ୍ତ୍ରୀ ତାକୁ ଛାଡ଼ି ପଳାଇଛି ଏବଂ ତା'ଗର୍ଭର ସନ୍ତାନଟି ପାଇଁ ସେ ବ୍ୟସ୍ତ। ଏହି ବୟସରେ ସେ ଯଦି ଏତେ ବିବ୍ରତ, ବୟସ୍କ ହୋଇଗଲେ ତା'ଅବସ୍ଥା କ'ଣ ହେବ ଅନୁମାନ କର। କୋଡିଏ ବର୍ଷ ନ ହେଉଣୁ କେତେକ ଲୋକ ବିବାହ କରି ପକାଉଛନ୍ତି, ତା'ପରେ ଛାଡ଼ପତ୍ର, ପୁନର୍ବିବାହ, ପୁନର୍ବିଚ୍ଛେଦ, ସ୍ତ୍ରୀ ଓ ସନ୍ତାନଙ୍କ ପାଇଁ ବ୍ୟତିବ୍ୟସ୍ତ। ସେମାନେ ମାନବଜୀବନର ମୂଲ୍ୟ ବିଷୟରେ ଅଜ୍ଞ। ମାନବ ଜୀବନ କେତେ ଦୁର୍ଲଭ ଓ କେତେ ପବିତ୍ର ସେ ଧାରଣା ସେମାନଙ୍କର ନାହିଁ। ଉପନିଷଦ କହନ୍ତି ମାନବ ଜନ୍ମ ଅତି ଦୁର୍ଲଭ ଜନ୍ମ। ମାନବ ଜୀବନ ଅତି ମହାନ ଓ ଶକ୍ତିଶାଳୀ। ତାକୁ ମା+ନବ କୁହାଯାଏ କାରଣ ସେ ନୂଆ ନୁହେଁ ବରଂ ଶାଶ୍ୱତ। ଶରୀର ନୂତନ ରୂପ ଗ୍ରହଣ କରୁଥାଏ, ଆତ୍ମା ନୁହେଁ। ଭଗବାନ ହିଁ ଅପରିବର୍ତ୍ତନୟ ସତ୍ୟ।

ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ। ତୁମର ଏହି ଭୌତିକ ଶରୀର ଦ୍ୱାରା ଭଗବାନଙ୍କ ପରିକଳ୍ପନା କରିବା ତୁମ ସାମର୍ଥ୍ୟ ବାହାରେ। ତୁମ ଭାବନାଗୁଡ଼ିକ ବାହ୍ୟ ଜଗତର ପ୍ରତିଫଳନ, ପ୍ରତିଧ୍ୱନୀ ଓ ପ୍ରତିକ୍ରିୟା। ଭଗବାନଙ୍କର କୌଣସି ପ୍ରତିକ୍ରିୟା ନଥାଏ। ତାଙ୍କ ପାଖରେ ଗୋଟିଏ କଥା ଅଛି, ତାହା ପରମ ସତ୍ୟ। ତୁମକୁ ସେହି ଆଦର୍ଶଦ୍ୱୟ ଗ୍ରହଣ କରିବାକୁ ହେବ। ସତ କଥା କହ, ଧର୍ମ ଆଚରଣ କର। ଭଗବାନ ଅପରିବର୍ତ୍ତନୀୟ ସତ୍ତା କିନ୍ତୁ ଏହାକୁ କେହି ବୁଝୁନାହାନ୍ତି। ଧର୍ମ ମାର୍ଗରେ ଚାଲି ନୈତିକତା ଓ ଏକତା ରକ୍ଷା କରିପାରିଲେ ତୁମେ ଏହା ବୁଝିପାରିବ। ମଣିଷ ଟଙ୍କା ପଇସାର କ୍ରୀତଦାସ ହୋଇପଡ଼ିଲାଣି। ସେ ଭଗବାନଙ୍କୁ ଭୁଲିଯାଇପାରେ କିନ୍ତୁ ଟଙ୍କା ପଇସାକୁ ଭୁଲି ପାରିବ ନାହିଁ। ସୁଖରେ ନିଦ୍ରାଯିବା ପାଇଁ ତୁମେ ନିଜ ପାଇଁ ବାତାନୁକୂଳ ଯନ୍ତ୍ର, କୋମଳ ଶଯ୍ୟା, ପଙ୍ଖା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିଥାଅ। ତଥାପି ସୁନିଦ୍ରା ହୁଏନାହିଁ, କାହିଁକି? ସୁନିଦ୍ରା ପାଇଁ ମାନସିକ ଶାନ୍ତି ଆବଶ୍ୟକ। ତୁମ ଦେହ, ମନ, ଚିତ୍ତ ଓ ଅହଂକାର ଭଳି ଅନ୍ତରିନ୍ଦ୍ରିୟଗୁଡ଼ିକ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ସହିତ ଶାନ୍ତି ଅଭିମୁଖୀ ହେବା ଦରକାର। ଯେଉଁ ଦିବ୍ୟପ୍ରେମ ନିଃସ୍ୱାର୍ଥ, ଯାହା କେବଳ ଦେଇ ଜାଣେ ଓ ପ୍ରତିଦାନରେ କିଛି ଆଶା କରେନାହିଁ, ସେହି ଭାବର ଅଭିବୃଦ୍ଧି କରାଇଲେ ଯାଇ ତୁମେ ଶାନ୍ତି ହାସଲ କରିପାରିବ। ସାଂସାରିକ ପ୍ରେମ କେବଳ ପାଇବାକୁ ଚାହେଁ ଓ ପାଇସାରି ତାକୁ ଭୁଲିଯିବାକୁ ଚାହେଁ। ନିକଟ ଲୋକଙ୍କୁ ଆଘାତ ଦେବା ଭଗବାନଙ୍କୁ ଆଘାତ ଦେବା ସହ ସମାନ। ଦିବ୍ୟପ୍ରେମର ସମକକ୍ଷ ଅନ୍ୟକିଛି ବି ହୋଇନପାରେ। ଏହା ସର୍ବୋଚ୍ଚ। ସଂସାରର କ୍ଷୁଦ୍ର କ୍ଷୁଦ୍ର କଥା ତୁମେ ଭଗବାନଙ୍କୁ ମାଗିଥାଅ। ତୁମ ପାଖରେ ଯାହା ନାହିଁ ସେଭଳି କିଛି ତାଙ୍କୁ ପ୍ରାର୍ଥନା କର। ତୁମ ପାଖରେ ନିଃସ୍ୱାର୍ଥ ପ୍ରେମ ନାହିଁ, ତାହା ତାଙ୍କ ପାଖରେ ପ୍ରଚୁର ପରିମାଣରେ ଅଛି, କେବଳ ତାହାକୁ ହିଁ ମାଗ। ଭଗବାନ ଆନନ୍ଦର ପ୍ରତିମୂର୍ତ୍ତି। ସେହି ଆନନ୍ଦ, ପ୍ରେମ ଓ ଶାନ୍ତି ଯାଚାଞ୍ଚା କର। ସାଂସାରିକ ସୁଖ ଓ ଦୈବୀ ଆନନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବାକୁ ଚେଷ୍ଟା କର। ଆଜିକାଲି ଲୋକେ ଅନେକ ତୁଚ୍ଛବସ୍ତୁ ଭଗବାନଙ୍କୁ ମାଗୁଛନ୍ତି। ତୁମପାଇଁ କ'ଣ ଶ୍ରେୟସ୍କର ତାହା ଭଗବାନ ଜାଣନ୍ତି ଏବଂ ଦେଇଥାନ୍ତି। ସେ ସମସ୍ତ ଭାବନା, ବଚନ ଓ କର୍ମର ସାକ୍ଷୀ ପୁରୁଷ, ତେଣୁ ଅକୁଣ୍ଠିତ ଚିତ୍ତରେ, ହୃଦୟର ସହିତ ତାଙ୍କ ପାଖରେ ସମର୍ପିତ ହୋଇ ଏକ ଆଦର୍ଶ ଜୀବନଯାପନ କର। ତୁମ୍ଭେମାନେ ମଧ୍ୟ ଦୈବତ୍ୱର ମୂର୍ତ୍ତିମନ୍ତ ରୂପ। ତେଣୁ ତୁମେ ସମସ୍ତଙ୍କୁ ଭଲପାଇବା ଦରକାର, କାହାରିକୁ ଆଘାତ କରିବା ଉଚିତ ନୁହେଁ। ଯଦି କାହାକୁ ବି ଆଘାତ କରୁଥାଅ ତାହା ଭଗବାନଙ୍କୁ ଆଘାତ କରିବା ସହ ସମାନ।

ସନ୍ଥ ପୁରୁଷ ଜନ୍ ସମସ୍ତଙ୍କୁ ନିଜର ଭାଇଭଳି ଭାବୁଥିଲେ। କୌଣସି ଏକ ଘଟଣାରେ ସେ ଜଣକୁ ଦଣ୍ଡ ଦେଇଥିଲେ। ଯୀଶୁ ସ୍ୱପ୍ନରେ ଆବିର୍ଭାବ ହୋଇ ତାଙ୍କୁ ପଚାରିଲେ, 'ତୁ ଭାବୁଛୁ ତୁ ତାକୁ ଦଣ୍ଡ ଦେଇଛୁ ବୋଲି, ନା ତୁ ମୋତେ ଦଣ୍ଡ ଦେଇଛୁ।' ଏଇଥିରୁ ତୁମେ ବୁଝିବା ଦରକାର ଯେ ନିଜ ଲୋକଙ୍କ କ୍ଷତି କରିବା ଭଗବାନଙ୍କୁ କଷ୍ଟ ଦେବା ସଙ୍ଗେ ସମାନ। ତୁମ୍ଭେ ସମତା ଅଭ୍ୟାସ କରିବା ଦରକାର। ଭଜନ ଓ ଧ୍ୟାନ ପ୍ରଭୃତି ମନକୁ ପବିତ୍ର କରିବାର ଉପାୟ। 'ଚିତ୍ତସ୍ୟ ଶୁଦ୍ଧୟେ କର୍ମଣେ।' ଯେଉଁ ପ୍ରେମ ତୁମର ପ୍ରାଣବାୟୁ ତାହାକୁ କର୍ଷଣ କର। ବୃକ୍ଷଟି ସବୁଜ ପତ୍ର, ଡାଳ, ଫଳରେ ପରିପୂର୍ଣ୍ଣ ଥିଲାବେଳେ ତୁମେ ତାହା ପ୍ରତି ଆକର୍ଷିତ ହୋଇଥାଅ। ସେ ସବୁ ଯେତେବେଳେ ଶୁଖିଯାଏ ତୁମେ ତାକୁ କାଟି ପକାଅ କାରଣ ବର୍ତ୍ତମାନ ସେଥିରେ ଜୀବନ ନାହିଁ। ପ୍ରେମଶୂନ୍ୟ ବ୍ୟକ୍ତି ମୃତ ବୃକ୍ଷ ସହ ସମାନ। କୋଇଲାକୁ ଆଞ୍ଚ କରିବା ପାଇଁ ନିଆଁ ଯେପରି ଅତ୍ୟାବଶ୍ୟକ ସେହିପରି ମଣିଷ ପାଇଁ ପ୍ରେମ ନିତାନ୍ତ ପ୍ରୟୋଜନ। ଦିବ୍ୟପ୍ରେମ ଉପରେ ମନକୁ ପର୍ଯ୍ୟବସିତ କରି ନିଜକୁ ଦୁର୍ବଳତାରୁ ମୁକ୍ତ କର, କାରଣ ଦିବ୍ୟକୃପା ପ୍ରଚଣ୍ଡ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ସମସ୍ତ ବସ୍ତୁ ମିଳିପାରେ, ଚାଲିଯାଇପାରେ କିନ୍ତୁ ଦିବ୍ୟକୃପା ଚିରସ୍ରୋତା। ତୁମେ ଅନ୍ୟକିଛି କର ନକର ଦିବ୍ୟପ୍ରେମ ବିକାଶ କର। ଭଗବାନ ନିର୍ଦ୍ଦେଶକ, ମଣିଷ ଅଭିନେତା ମାତ୍ର।

ଦୀକ୍ଷା

॥ ଉମେଶ ଚନ୍ଦ୍ର ପାତ୍ର ॥

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଆଶୀର୍ବାଦ ଅର୍ଥ ଅନୁଶାସନବାଦ। ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ। ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି। ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ୍ୟ ପ୍ରବୃତ୍ତି। ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ। ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ - ଯିଏ ଆଚରଣ କରି ଜାଣିଛନ୍ତି। ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀ'। କହିଲେ ମୁଁ ବୁଝେ ଗୁରୁଙ୍କ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ, ତାଙ୍କ ପାଖରେ ଆତ୍ମ ସମର୍ପଣ ଓ ସେହି ମାଧ୍ୟମରେ ଦକ୍ଷତାର ଅନୁଶୀଳନ, ନୀତି ଯାହାଙ୍କ ଜୀବନରେ ମୂର୍ତ୍ତ, ତାଙ୍କୁ ବାଦ ଦେଇ ଯଦି ସେହି ନୀତିଗୁଡ଼ିକୁ ଅନୁସରଣ କରିବାକୁ ଯାଉଁ, ତାହାହେଲେ ସେହି ନୀତି ଗୁଡ଼ିକ ନାମରେ ବିଳମ୍ବ ମନଗଢ଼ା ଧାରଣାକୁ ହିଁ ଅନୁସରଣ କରିଚାଲିବୁ। ଏଥିରେ ଅଭିହିତ ବା ଖିଆଲ ହିଁ ଆମ୍ଭ ମାନଙ୍କ ପାଖରେ ଗୁରୁପନବାକ୍ୟ ହୋଇଉଠେ। ଏଥିରେ କନ୍ତୁ କିଛି ଲାଭ ହୁଏନାହିଁ। କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ତାଙ୍କର ପ୍ରେରଣା ଭିତରେ ଦେଇ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ଯେ କେତେ ପରିମାଣରେ ତୀବ

ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ଆଦି କର୍ମ ଅଭିଯାନ କର୍ମଶାଳା

ନାରାୟଣପାଟଣା, (ମହାଭାରତ): ନାରାୟଣପାଟଣା ବ୍ଲକ ସଭାଗୃହରେ ୧୫୦ ତମ ଭଗବନ ବିର୍ସା ମୁଣ୍ଡା ଜୟନ୍ତି ଅବସରରେ ଜୟନ୍ତି ଗୌରବ ବର୍ଷ ଅବସରରେ ଆଦି କର୍ମ ଯୋଗୀ ଅଭିଯାନ କାର୍ଯ୍ୟକ୍ରମ ର କର୍ମଶାଳା ଆୟୋଜିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ବ୍ଲକ ଉପାଧ୍ୟକ୍ଷା ଚିନୁ ଦାସ, ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ଗୀତାଞ୍ଜଳି ମହାରଣା ପ୍ରମୁଖ ଉପସ୍ଥିତରେ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ଯଥା ସରପଂଚ,ସମିତି ସଭ୍ୟ, ଶିକ୍ଷକ, ସ୍ୱେଚ୍ଛାସେବୀ ସଂସ୍ଥା, ପଂଚାୟତ ନିର୍ବାହ ଅଧିକାରୀ,ଏମ୍ ବି କେ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ପ୍ରମୁଖ ଯୋଗ ଦେଇଥିଲେ । କର୍ମଶାଳା ରେ ବ୍ଲକ ମଙ୍ଗଳ ଅଧିକାରୀ ସ୍ୱାଧୀନ ସୈରଭ ବର୍ମନ ଉପସ୍ଥିତ ରହି କେନ୍ଦ୍ର ସରକାର ଙ୍କ ଆଦିବାସୀ ମନ୍ତ୍ରାଳୟ ତରଫରୁ ପଛୁଆ ବ୍ଲକ ର ପଛୁଆ ଗାଁ ର ବିକାଶ କିପରି ହେବ , ସରକାର ଙ୍କ ଅନୁଦାନ କିପରି ଖର୍ଚ ହେବ , ଆଦିବିସୀ ପଛୁଆ ,ଅବହେଳିତ ,ମୈଳିକ ସମସ୍ୟା ରୁ ବଂଚିତ ହେଉଥିବା ଗାଁ ର ବିକାଶ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି କର୍ମଶାଳା ଆୟୋଜନ କରାଯାଇଥିଲା ।ଏହି କର୍ମଶାଳାରେ ରେ ପ୍ରଥମ ପର୍ଯ୍ୟାୟରେ ରେ ନାରାୟଣପାଟଣା ବ୍ଲକ ର ୯ ଗୋଟି ପଂଚାୟତ ର ୨୩ ଗୋଟି ଗାଁ କୁ ଚିହ୍ନଟ କରାଯାଇଛି ।ଏହି ଗାଁ ର ଯେଉଁ ମୈଳିକ ସମସ୍ୟା ରହିଛି ସେହି ଗାଁ ରେ ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତା , ସରପଂଚ,ବାର୍ଡ ସଦସ୍ୟ ,ପଂଚାୟତ ନିର୍ବାହ ଅଧିକାରୀ,ଆଶା , ଅଙ୍ଗନବାଡି କର୍ମୀ, ଶିକ୍ଷକ, ଗାଁ ର ବୁଦ୍ଧୀଜୀବି ଓ ଗ୍ରାମବାସୀ ଉପସ୍ଥିତିରେ ବୈଠକ କରି ଗାଁ ର ବିକାଶ ମୂଳକ କାର୍ଯ୍ୟ ଯଥା ସ୍କୁଲ , ଅଙ୍ଗନବାଡି,ବିଜୁଳୀ ,ପାନୀୟ ଜଳ ,ରାସ୍ତା ଘାଟ ,ନାଳ ,ପରି ମୈଳିକ ସମସ୍ୟାର ଏକ ଖୋସଡା ପ୍ରସ୍ତୁତ କରି ଅକ୍ଟୋବର ଦୁଇ ଗାନ୍ଧୀ ଜୟନ୍ତୀ ରେ ଆୟୋଜିତ ପଲ୍ଲୀ ଶୋଭାରେ ଖୋସଡା କୁ ଉପସ୍ଥାପନ କରାଯିବ ।ଯା ଦ୍ୱାରା ଦୁର୍ଗମ ,ଅବହେଳିତ , ଅପହଞ୍ଚ ରେ ଥିବା ଗାଁ ର ?ବିକାଶ ହେବ ।କର୍ମଶାଳା ରେ ଅଧିକାରୀ ମାନେ ମାର୍ଗଦର୍ଶିକା ଶିକ୍ଷା ଗ୍ରହଣ କରି ଯେଉଁ ଦାଇତ୍ୱ ଦିଆଯିବ ତାକୁ ସୁଚାରୁ ରୁପେ ପାଳନ କରିବାକୁ ପରାମର୍ଶ ଦେଇଥିଲେ ବ୍ଲକ ମଙ୍ଗଳ ଅଧିକାରୀ ।

ସ୍ଥାୟୀ ଦରମା ଦାବୀ ନେଇ ୨ୟ ଦିନରେ ଗଣଧାରଣା

ଗଣିଆ, (ମହାଭାରତ): ଗଣିଆ ବ୍ଲକ ମିଶନ ଶକ୍ତି ବିଭାଗ ରେ ଗୋଷ୍ଠୀ ସହାୟିକାକର୍ମୀ ଭାବେ କାର୍ଯ୍ୟରତ ସଦସ୍ୟା ମାନେ ସ୍ଥାୟୀ ଦରମା ଦାବିରେ ସୋମବାର ଦିନ ବ୍ଲକ ସମ୍ମୁଖରେ ଗଣଧାରଣାରେ ବସିଥିଲେ । ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅନ୍ତର୍ଭୁକ୍ତ ଓଡିଶା ଜୀବିକା ମିଶନ ମାଧ୍ୟମରେ ଲକ୍ଷ୍ୟପତି ଦିଦି ଯୋଜନା ସାରା ରାଜ୍ୟରେ ଚାଲିଥିବା ବେଳେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ନାରୀ ମାନଙ୍କୁ ପ୍ରାଧାନ୍ୟ ଦେଇ ସମାଜ ର ମୁଖ୍ୟ ସୋତ୍ରରେ ସାମିଲ କରିବାକୁ ଅନେକ ଯୋଜନା ହାତକୁ ନେଉଛନ୍ତି । ଦେଶର ତଥା ରାଜ୍ୟର ବିକାଶ କରିବାକୁ ହେଲେ ନାରୀ ମାନଙ୍କୁ ସ୍ୱାବଲମ୍ବୀ କରାଇ ବିକାଶ ର ଧାରାରେ ସାମିଲ କରିବା ନିତାନ୍ତ ଆବଶ୍ୟକ । ମାତ୍ର ମିଶନ ଶକ୍ତି ବିଭାଗ ରେ ଗୋଷ୍ଠୀ ସହାୟିକା କର୍ମୀ ଭାବେ କାର୍ଯ୍ୟରତ ସଦସ୍ୟା ମାନେ ପାଞ୍ଚ ମାସ ରୁ ଉର୍ଦ୍ଧ ହେବ ନିଜର ବକେୟା ପ୍ରାପ୍ୟ ଦରମା ପାଇନାହାନ୍ତି । ସୋମବାର ଦିନ ଏହି ସଦସ୍ୟା ମାନେ ଇନସେଣ୍ଟିଭ ଭାବେ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଲାଗୁ କରିବା ଓ ବକେୟା ଦରମା ପ୍ରାପ୍ୟ ଦାବିରେ ୨ୟ ଦିବସରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ରେ ବସିଥିଲେ । ଗଣିଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

ଟିକି ଟିକି ତାର ପକ୍ଷରୁ ସାହିତ୍ୟ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ପାରାଦୀପ, (ମହାଭାରତ): ସାହିତ୍ୟ ସମାଜର ବିବେକ ହୋଇ ସମାଜକୁ ସତ୍ ମାର୍ଗରେ ନେଇଥାଏ । ପୃଥିବୀକୁ ପ୍ରେମ, ଶାନ୍ତି ଓ ସଦ୍‌ଭାବନା ମୟ କରିବାକୁ ଉତ୍ସାହିତ କରେ । ଏହି ଶାରଦୀୟ ସାହିତ୍ୟ ଆସରରେ କବି ଠାରୁ ପାଠକ ବଡ ବୋଲି ବରିଷ୍ଠ ସାହିତ୍ୟିକ ମାନେ ମତବ୍ୟକ୍ତ କରିଛନ୍ତି । ଏହି ଶାରଦୀୟ ଉତ୍ସବକୁ ପାରାଦ୍ୱିପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ନିଜ ଅଭିଭାଷଣରେ ସ୍ରଷ୍ଟା ବା କବି ହେଉଛନ୍ତି ଦୂର ଦ୍ରଷ୍ଟା, ସେ ଜାଣିଥାନ୍ତି ସୃଷ୍ଟିକୁ ସଜାଡିବାର ମନ୍ତ୍ରପାଠ । ଏହି ଉତ୍ସବରେ ଓଡିଶା ସହିତ୍ୟ ଏକାଡେମିର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ସଭାପତିତ୍ୱ କରି କହିଥିଲେ ଯେ ସାହିତ୍ୟ କରୁଣା ଓ କଲ୍ୟାଣର ସଂଜୀବନି ମନ୍ତ୍ର ଦ୍ୱାରା ବିପଥ ଗାମୀ ମନୁଷ୍ୟକୁ ସତ୍‌ମାର୍ଗରେ ଦିଗ୍‌ଦର୍ଶନ ଦେଇଥାଏ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଶିକ୍ଷାବୀତ୍ ଡଃ. କିଶୋର କୁମାର ଜେନା, ସମ୍ମାନୀତ ଅତିଥି ଭାବେ ଡା. ରବିନ୍ଦ୍ର କୁମାର ସ୍ୱାଇଁ, ସମାଜ ସେବି ପ୍ରମୋଦ କୁମାର ଜେନା, ଆଇନ୍ ଜୀବି ଓ ସମାଜ ସେବୀ ସଞ୍ଜୟ କୁମାର ବେହେରା, ଆଇନଜୀବି ସୌରଭ କୁମାର ମଲ୍ଲିକ୍ ଓ ବୀଜୟ ଖଟେଇ ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ଟିକି ଟିକି ତାରା ଅନୁଷ୍ଠାନର ସମ୍ପାଦୀକା କବୟତ୍ରୀ ଆଦର୍ଶ ଶିକ୍ଷୟତ୍ରୀ ମିନର୍ଭା ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ୭୦ ରୁ ଉର୍ଷ କବି ଓ କବୟତ୍ରୀ ମାନଙ୍କୁ ମାନ୍ୟବର ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ଓ ସାମ୍ବାଦୀକ ପ୍ରଶାନ୍ତ କୁମାର ରାଉତ ଓ ଅକ୍ଷୟ କୁମାର ଦାସ ସ୍ୱାଗତ ଭାସଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ କବୟତ୍ରୀ ଗୋଲାପ ରାଣୀ ସାହୁ, ତୁଳସୀ ବରାଳ ଓ ସୁବାସ ସେନାପତି ସଂଯୋଜନା କରିଥିଲେ । ଶେଷରେ କବି ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

୩୫ ବର୍ଷର ଲଢେଇ ପରେ ନିଜ ଜାଗା ପାଇଲେ ସ୍ୱର୍ଣ୍ଣ

କେନ୍ଦୁଝର, (ମହାଭାରତ): କୋର୍ଟ କଚେରୀ ଚକ୍କର କାଟି କାଟି ଜୀବନର ପରିଣତ ବୟସ ହୋଇଗଲା। ଶେଷରେ ନିଜ ଜାଗା ଫେରି ପାଇଛନ୍ତି କାଶୀପୁରର ସ୍ୱର୍ଣ୍ଣପ୍ରଭା ଷଡଙ୍ଗୀ। ତାଙ୍କ ଜାଗାକୁ ୩୫ ବର୍ଷ ଜବରଦଖଲ କରି ହୋଟେଲ ବ୍ୟବସାୟ ଚଳାଉଥିବା ଜନୈକ ବ୍ୟକ୍ତିଙ୍କ ହାତରୁ ପୋଲିସ ଓ କୋର୍ଟଙ୍କ ଉପସ୍ଥିତିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ସ୍ଥାନକୁ ବେଆଇନି ଦାଖଲ ମୁକ୍ତ କରି ଶ୍ରୀମତୀ ଷଡଙ୍ଗୀଙ୍କ ଜାଗା ତାଙ୍କୁ ମିଳିଛି। ମିଳିଥିବା ସୂଚନା ଅନୁସାରେ ସେ କେନ୍ଦୁଝର ଜିଲା ସିଭିଲ ଜଜ ଓ ହାଇକୋର୍ଟଙ୍କ ପାଖରୁ ନିର୍ଦ୍ଦେଶନାମା ପାଇବା ପରେ ମଧ୍ୟ ସେ ଏହି ଜାଗା ଅଧିଗ୍ରହଣ କରି ପାରୁ ନଥିଲେ। ଫଟିକ ଦାସ ନାମକ ଜନୈକ ବ୍ୟକ୍ତି ଏହି ସ୍ଥାନରେ ବେଆଇନି ଭାବେ ହୋଟେଲ ସ୍ୱାଧୀନ କରି ବ୍ୟବସାୟ କରି ଆସୁଥିଲେ। କୋର୍ଟ ଅର୍ଡର ଥିବା ସତ୍ତ୍ୱେ ଏହି ଜାଗାକୁ ଆସିବା ମାତ୍ରେ ଗଣ୍ଡଗୋଳ ହେଉଥିଲା। ଶେଷରେ ମାନ୍ୟବର ହାଇକୋର୍ଟଙ୍କ ଠାରୁ ଗତ ଜୁନ ୩୦ରେ ମିଳିଥିବା ନିର୍ଦ୍ଦେଶନମା ବଳରେ ଆଜି କେନ୍ଦୁଝର କୋର୍ଟର କର୍ମଚାରୀ ଟାଉନଥାନା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଟେଲ ସ୍ୱାଧୀନ କୁ ଭଙ୍ଗା ଯାଇଥିଲା ଓ ସ୍ୱର୍ଣ୍ଣପ୍ରଭାଙ୍କୁ ତାଙ୍କ ଜାଗା ଫେରାଇ ପାରିଥିଲା ଭାରତୀୟ ଆଇନି ବ୍ୟବସ୍ଥା।

ପଡୁଗୁଡାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କଲେ ବିଧାୟକ

ଲକ୍ଷ୍ମୀପୁର, (ମହାଭାରତ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପଡୁଗୁଡା ଗ୍ରାମ ୨୦୨୩ କୋରାପୁଟ ପର୍ବ ପଡିଆ ଠାରେ ଲୋକଲଚନକୁ ଆସିଥିଲା। ୨୦୨୩ ପର୍ବ ପଡିଆ ଠାରେ ତତ୍କାଳୀନ ମନ୍ତ୍ରୀ ରନେନ୍ଦ୍ର ପ୍ରତାପ ସ୍ୱାଇଁ ଓ ତତ୍କାଳୀନ ଅବଦୁଲ ଆଖତାର କୋରାପୁଟ ଜିଲ୍ଲାପାଳଙ୍କ ଉପସ୍ଥିତରେ ଏହି ପଡୁଗୁଡା ଗ୍ରାମର ଅନେକ ଅସୁବିଧା ତଥା ରାସ୍ତା ସମସ୍ୟା, ପାଣିର ସମସ୍ୟା ଠୁ ଆରମ୍ଭ କରି ବିଭିନ୍ନ ସମସ୍ୟାକୁ ନେଇ ସେହି ୨୦୨୩ କୋରାପୁଟ ପର୍ବ ପଡିଆ ଠାରେ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉପସ୍ଥିତରେ ପେଣ୍ଡାଲ ଠାରେ ଏକ ଛୋଟ ଝିଅ ଅଭିନୟ ମାଧ୍ୟମରେ ଅଭିଯୋଗ କରିଥିବା ବିଷୟ ଚର୍ଚ୍ଚାକୁ ଆସିଥିଲା ଏବଂ ଗାଁରେ ଲାଗିରହିଥିବା ସବୁ ଅସୁବିଧାକୁ ସାରା ରାଜ୍ୟରେ ପ୍ରସାରଣ ହେଇଥିଲା । ସରକାର ବଦଳି ଗଲା କିନ୍ତୁ ଏହି ଗ୍ରାମ ର ଭାଗ୍ୟ ବଦଳିଲା ନାହିଁ । ଯଦ୍ୱାରା ନୂତନ ଭାବେ ନିର୍ବାଚିତ ହେଇଥିବା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପବିତ୍ର ସାଉଁନ୍ତା ନିର୍ବାଚିତ ହେବା ଠାରୁ ଆଜି ପର୍ଯ୍ୟନ୍ତ ଏହି ଗାଁ ର ସମସ୍ୟାକୁ ଦୃଷ୍ଟିରେ ରଖି ଅନେକ ଥର ଗ୍ରାମକୁ ଗସ୍ତ କରିବା ସହିତ ଏହି ଗ୍ରାମର ସମସ୍ୟା ଅନେକ ଥର ଏହି ନୂଆ ସରକାରଙ୍କୁ ଅବଗତ କରାଉଛନ୍ତି । କିନ୍ତୁ ଏଯାଏଁ କୌଣସି ପ୍ରକାର କାର୍ଯ୍ୟକାରୀ ହଉ ନଥିବାରୁ ଚଳିତ ମାସ ୨୦ ତାରିଖରେ ନିଜେ ଓଡିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ମୋହନ ଚରଣ ମାଝୀଙ୍କୁ ଭେଟି ଏହି ଗ୍ରାମର ସମସ୍ୟା ବିଷୟରେ ଜଣାଇ୍ବା ସହିତ ତୁରନ୍ତ ଏହି ଗ୍ରାମ ର ସମସ୍ୟାକୁ ଦୂର କରିବାକୁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି କିନ୍ତୁ ଏହି ସରକାର ଏହି ଚର୍ଚ୍ଚିତ ଗ୍ରାମର ସମସ୍ୟାକୁ କେବେ ଆଉ କେତେ ମାତ୍ରାରେ ଦୂର କରୁଛି ତାହା ଦେଖିବାକୁ ବାକି ରହିଲା।

ହାତୀ ଆକ୍ରମଣରେ ଯୁବକ ମୃତ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା। ୨ ଦିନ ତଳେ ଚମ୍ପୁଆ ବନ ଖଣ୍ଡରେ ଜଣକର ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ଦିନ ଭୂୟାଁ ଜୁଆଙ୍ଗ ପିଢ଼ ବା ବିଜେପି ରେଞ୍ଜ ରେ ଆଉଜଣଙ୍କୁ ମାରିଚି ହାତୀ। ସୂଚନା ଅନୁସାରେ ଗତକାଲି ରାତି ରେ ଏକ ସାତ ଚିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି ବାଇକାଣିଆ ପଞ୍ଚାୟତ ର ତଳକାଇପୁର ଗ୍ରାମରେ ଧାନକ୍ଷେତରେ ପଶି ଧାନ ଫସଲ ଖାଇବା ସହ ମଡ଼ିଦଳି ନଷ୍ଟକରୁଥିବା ବେଳେ ଗାଆଁ ର ଲୋକ ହାତିପଲଙ୍କ ଦାଉ ରୁ ଫସଲ ବଞ୍ଚାଇବା ପାଇଁ ହାତିପଲଙ୍କୁ ଘଉଡାଉଥିବା ସମୟରେ ସେହି ଗାଁ ର ଅଜୟ ପ୍ରଧାନ ହାତୀ ହାବୁଡ଼ରେ ପଡିଯିବାରୁ ଆଉ ଖସି ପାରିନଥିଲେ। ହତୀ ତାଙ୍କୁ ସେଇ ଠାରେ ମାରି ପକାଇଥିଲା।

ଖାଇଗଲେ ଚାଷୀଙ୍କ ୯୦ ଲକ୍ଷ: ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ପରଜଙ୍ଗ, (ମହାଭାରତ) : ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ଅନ୍ତର୍ଗତ ଜରଡ଼ା-ଦେହୁରୀହତା ଗ୍ରାମ କୁ ନେଇ ଗଠିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ ବାଲିଚେତନା ନାଳ ଏକ ଜଳବିଭାଜିକା କମିଟି ଗଠନ ହୋଇଅଛି ।ଏହି କମିଟି ଉଭୟ ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ସର୍ବ ମୋଟ କମିଟି ସଦସ୍ୟ ପ୍ରାୟ ୧୩ଜଣ ଅଛନ୍ତି ବୋଲି ସୂଚନା ମିଳିଛି। କମିଟି ସଦସ୍ୟ କାହାକୁ ନ ପଚାରି କମିଟି ର ସଭାପତି ଏବଂ ସମ୍ପାଦକଙ୍କ ମନମୁଖି ଏକ ଛତ୍ର ବାଦ କାର୍ଯ୍ୟ ହବା ଯୁଗୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ହେରଫେର ନଜର କୁ ଆସୁଥିବା ଅନୁମାନ କରାଯାଉଛି। ଏମିତି ଗୋଟିଏ ବି କମିଟି ସଦସ୍ୟ ଙ୍କୁ ଡାକି ଥରେ ମଧ୍ୟ ମିଟିଙ୍ଗ କରା ନ ଯିବାକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରିଥିଲା କିଭଳି କମିଟି ର ବିନା ରିଜୁଲେସନ ରେ ଏତେ ସବୁ ପ୍ରକଳ୍ପ କାମ କରାଗଲା ତାହା ଏବେ ସନ୍ଦେହ ଘେରରେ। ସୂଚନା ଥାଉକି ଉଭୟ ଗ୍ରାମ ର ଚାଷୀ ଙ୍କୁ ଆତ୍ମନିଭର କରିବା ପାଇଁ ପି ଏସ ଏମ ଇ ବାବଦକୁ ଛେଳି ଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ ପାଇଁ ସରକାର ଙ୍କ ତରଫରୁ ୧୬୦୦୦ଟଙ୍କା ପ୍ରଦାନ କରାଯାଇଥିଲା କିନ୍ତୁ ଚଞ୍ଚକତା କରି କମିଟି ର ସମ୍ପାଦକ ଏବଂ ଅନ୍ୟ ଜଣେ କମିଟି ର ସଦସ୍ୟ ଙ୍କ ସହାୟତା ରେ ଯେଉଁ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଥିଲା ସେମାନଙ୍କଠୁ ଧମକେଇ ଡରେଇ ଘର କାଟିଦେବୁ ଏବଂ ଏ ଟଙ୍କା ଅଫିସର ନେବେ କହି ଟଙ୍କାକୁ ପୁନଃଚ ନେଇଥିଲେ। ଏ ନେଇ କଙ୍କଡ଼ାହାଡ଼ ଠାରେ ସୋମବାର ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣୀ ସମୟରେ ଷୋଷଣ ର ଶିକାର ହେଇଥିବା ହିତାଧିକାରୀ ମାନେ ଅଭିଯୋଗ କରିଥିଲେ ସଙ୍ଗେ ସଙ୍ଗେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଙ୍କୁ ତାଗିଦ କରିବା ସହ ଏପଟେ ବିଡ଼ିଓ ଙ୍କୁ ମହାବିରୋଡ଼ ଥାନା ଅଧିକାରୀ ଙ୍କୁ ସୂଚନା ଦେଇ ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ଅଭିଯୋଗ ମୁତାବକ ଉଭୟ ଗ୍ରାମ ରେ ଥିବା ପୁରୁଣା ପୋଖରୀକୁ ନୂତନ ଦର୍ଶାଇ ମିଥ୍ୟା ବିଲ ଜଳ ବିଭାଜିକା ତରଫରୁ ଏବଂ ଅନ୍ୟପଟେ ମନରେଗା ଯୋଜନାରେ ସେଇ ସମାନ ପୋଖରୀକୁ ବ୍ଲକ ଏବଂ ପଂଚାୟତ ତରଫରୁ ପୁନଃରୁଦ୍ଧାର ପାଇଁ ଲକ୍ଷ୍ୟଲକ୍ଷ୍ୟ ଟଙ୍କା ହଡପ ଅଭିଯୋଗ ସାମ୍ନାକୁ ଆସୁଥିବାର ସାଧାରଣରେ ଚର୍ଚ୍ଚା ହେଉଅଛି। ଅନ୍ୟପଟେ ଗ୍ରାମବାସୀ ଚେତାବନୀ ଦେଇ କହିଛନ୍ତି ଏହାର ଉଚ୍ଚସ୍ତରୀୟ ସମସ୍ତ କାର୍ଯ୍ୟ ର ତଦନ୍ତ ହବା ସହ ଭିଜିଲାନ୍ସ ଙ୍କ ଦ୍ୱାରସ୍ତ ହେବେ ବୋଲି କହିଛନ୍ତି। ଏ ସମସ୍ତ ଦିଗପ୍ରତି ଦୃଷ୍ଟି ଦେଇ ଜିଲ୍ଲାପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ କିଭଳି ଭାବେ ଗୁରୁତ୍ୱ ଦେଇ ଦୋଷୀ ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣ ରେ ଦାବି ହେଉଅଛି।

ସରକାରୀ ବିଦ୍ୟାଳୟରେ ସମ୍ବିଧାନ ପଢେଇବା ପାଇଁ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନର ଦାବୀ

କଳାହାଣ୍ଡି, (ମହାଭାରତ) : ଭାରତ ଗୋଟିଏ ଧର୍ମ ନିରପେକ୍ଷ ରାଷ୍ଟ୍ର ଏଥିରେ ବିଭିନ୍ନ ଜାତି ଧର୍ମର ଲୋକ ବସବାସ କରୁଛନ୍ତି। ଦେଶ ସମ୍ବିଧାନ ଦ୍ୱାରା ପରିଚାଳିତ ହେଉଛି। ସମ୍ବିଧାନ ଯାହା କହୁଛି ସମ୍ବିଧାନ ଅନୁଚ୍ଛେଦ ୨୮ ଅନୁସାରେ ସରକାର କୌଣସି ଗୋଟିଏ ଧର୍ମକୁ ପ୍ରୋତ୍ସାହନ ଦେଇ ପାରିବେ ନାହିଁ। ଅନୁଚ୍ଛେଦ ୫୧ ଏ ଅନୁସାରେ କୌଣସି ଶିକ୍ଷା ଅନୁଷ୍ଠାନରେ ବୈଜ୍ଞାନିକ ସତ୍ୟତା ଅଧାର ଜ୍ଞାନ ଛଡ଼ା ଅଲଗା ଶିକ୍ଷା ଦେଇ ପାରିବ ନାହିଁ। ଅନୁଚ୍ଛେଦ ୧୪ ଅସମାନତା କୁ ପ୍ରୋତ୍ସାହନ ଦେଇ ପାରିବ ନାହିଁ। ଅନୁଚ୍ଛେଦ ୧୫ ଭେଦଭାବ କରି ପାରିବ ନାହିଁ। ଏଣୁ ଓଡ଼ିଶା ସରକାରର ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦେଇଥିବା ମନ୍ତବ୍ୟ ସବୁ ବିଦ୍ୟାଳୟରେ ଗୀତ ଶ୍ଳୋକ ପାଠ ପଢ଼ାଯିବ ସମ୍ବିଧାନ ବିରୋଧୀ ନିଷ୍ପତ୍ତି। ଜାତି ଧର୍ମ ଉର୍ଦ୍ଧ୍ୱରେ ଭାଇଚାରାର ରାଜ୍ୟ ଓଡିଶାରେ ଏହିଭଳି ନିଷ୍ପତ୍ତି ନ ନେବା ସହ ଓଡ଼ିଶାର ସବୁ ସରକାରୀ ବିଦ୍ୟାଳୟର ପାଠ୍ୟକ୍ରମରେ ସମ୍ବିଧାନ ପଢିବା ପାଇଁ ସରକାର ନିଷ୍ପତ୍ତି ନେଲେ ସମସ୍ତେ ନିଜର ନାଗରିକ ଅଧିକାର ଓ କର୍ତ୍ତବ୍ୟ ଦାୟିତ୍ୱ ବିଷୟରେ ସଚେତନ ହେବେ। ଏହି ଦାବି ସରକାରକୁ ଜଣାଇବା ପାଇଁ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଂଗଠନ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନର ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ନେତୃତ୍ୱରେ ଆଜି କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ଦିଆଯାଇଛି। ଉପସ୍ଥିତି ଥିଲେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ମହାସଚିବ ଶତ୍ରୁଘ୍ନ ନାଏକ, କଲମପୁର ବ୍ଲକ ସଭାପତି ବଳରାମ ଦୁର୍ଗା, କେସିଙ୍ଗା ବ୍ଲକ କାର୍ଯ୍ୟକାରୀ ସଭାପତି ଡମ୍ବୁରୁଧର କରୁଆ, ସାଧାରଣ ସମ୍ପାଦକ ବିକ୍ରମ ହରପାଲ, ମାଲେସ ନାଏକ, ପରମାନନ୍ଦ ନାଏକ ସଂଗଠନର ଅନେକ କର୍ମକର୍ତ୍ତା।

ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ

ଗଜପତି, (ମହାଭାରତ) : ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ସେବା ପକ୍ଷ-୨୦୨୫ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଗଜପତି ପକ୍ଷରୁ ବିକଶିତ ଭାରତ - ୨୦୪୭' ପ୍ରସଙ୍ଗ ସମ୍ପ

ପଞ୍ଚମ ଜାତୀୟ ଫାର୍ମାକୋଭିଜିଲାନ୍ସ ସପ୍ତାହ

କେନ୍ଦୁଝର,(ମହାଭାରତ):କେନ୍ଦୁଝର ରାଙ୍କିସ୍ଥିତ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଏନପିଏମ ଆଇଏମଏସଆର କଲେଜ ପକ୍ଷରୁ ପଞ୍ଚମ ଜାତୀୟ ଫର୍ମାକୋ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଫାର୍ମାସୀ, ଡିଏସ୍‌ଏଲଟି, ନର୍ସିଂ ବିଭାଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କୁ ନେଇ ଅତିରିକୁ ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏନପିଏମ ଆଇଏମଏସଆରର ଚେୟାରମ୍ୟାନ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧରଣୀଧର ଭେଷଜ ମହାବିଦ୍ୟାଳୟର ଫାର୍ମାକୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ରବୀନ୍ଦ୍ର କୁମାର ପଣ୍ଡାଙ୍କ ସହିତ ଆସିଷ୍ଟା□ ପ୍ରଫେସର ଡକ୍ଟର ଆକାଂକ୍ଷା ତ୍ରିପାଠୀ, ଡକ୍ଟର ସଂପୂର୍ଣ୍ଣା ବଳ, ଡକ୍ଟର ସୂର୍ଯ୍ୟକୁମାର ବିଶ୍ୱାଳ,ଡକ୍ଟର ଅଭିଷେକ ରାଉତ ପ୍ରମୁଖ ଆମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ଫାର୍ମାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ରବି ଶଙ୍କର ଦାଶ ପୌରହିତ୍ୟ କରିଥିବାବେଳେ ନର୍ସିଂ ବିଭାଗର ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ଓଝାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣପୂର୍ବକ ସଭା ସାଙ୍ଗ କରାଯାଇଥିଲା ।

ବିଷମକଟକର ମା ମାର୍କମା ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ସଫେଇ ଅଭିଯାନ

ବିଷମକଟକ(ମହାଭାରତ):ରାୟଗଡ଼ା ଜିଲ୍ଲା ବିଷମକଟକ ମା ମାର୍କମା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉମାଶଙ୍କର ନେମାଲ ପୁରୀଙ୍କ ନେତୃତ୍ୱରେ ସଂପନ୍ନ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସ୍କୁଲ ପରିସର ସଫା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ କରିଥିଲେ ଜାତୀୟ ସେବା ଯୋଜନାର ସଂଯୋଜକ କରମେନ୍ଦ୍ର ସାହୁ। ଏହି ଅବସରରେ ଅଧ୍ୟାପିକା ଅର୍ଚ୍ଚନା ପାଢ଼ୀ, ଅଧ୍ୟାପକ ଶ୍ରୀଧର ପାତ୍ର, ଦୟାନିଧି ବାଙ୍ଗାରୀ, ରବିନାରାୟଣ ଛନ୍ଦ ସହିତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ସାମୁହିକ ପ୍ରୟାସରେ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରକୁ ସୁନ୍ଦର ଓ ପରିଚ୍ଛନ୍ନ କରିଥିଲା।

ଦୁର୍ଘଟଣା ଓ ଟବାକୁ ମୁକ୍ତ ଅଭିଯାନ ରେ କଲେଜ ଛାତ୍ରଛତ୍ରୀ

ଅଷ୍ଟରଙ୍ଗ (ମହାଭାରତ) : ପ୍ରତ୍ୟେକ ଦିନ ଆମ ଅଞ୍ଚଳ ରେ ଦୁର୍ଘଟଣା ଘଟୁଛି, ଏହି ଦୁର୍ଘଟଣା ରେ କେତେ ଜୀବନ ଧନ ସମ୍ପଦ ନଷ୍ଟ ହେଉଛି ତାହା ଭାବିବା ନିଶ୍ଚିନ୍ତ ରୂପେ ଭୟାନକ, ଏହି ସଡ଼କ ଦୁର୍ଘଟଣା ର ମୁଖ୍ୟ କାରଣ ବେ ପରୁଆ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଲେଇବା ତା ସହିତ ବାଇକ ରାଇଡ଼ର ମାନେ ହେଲମେଟ ବ୍ୟବହାର ନକରିବା, ଠିକ ସେହିପରି ଟବାକୋ ଗୁଟୁକା ଖଇନି ଖାଇ ଭାରତ ବର୍ଷ ରେ ଅନେକ ଲୋକ ମହାମାରୀ କର୍କଟ ରୋଗ ରେ ପଡି ଜୀବନ ସହିତ ଯୁଦ୍ଧ କରୁଥିବା ବେଳେ ଅନେକ ଲୋକ ପ୍ରାଣ ହରାଇଛନ୍ତି, ଏହାଦ୍ୱାରା କେତେ ଲୋକ ଙ୍କ ଧନ ସମ୍ପଦ ବ୍ୟୟ ହୋଇଛି ତ କେତେ ଲୋକ ଙ୍କ ଜୀବନ ନଷ୍ଟ ହୋଇଛି। ଆଜି ଅଷ୍ଟରଙ୍ଗ ବ୍ଲକ ଉକୁଳେଇ ମହାତ୍ମା ଗାନ୍ଧୀ କଲେଜ ର ଏନଏସଏସ ବିଭାଗ ରେ ଛାତ୍ରଛତ୍ରୀ ଓ କତୃପକ୍ଷ ମାନେ ଆଜି ଅଷ୍ଟରଙ୍ଗ କାକଟପୁର ମୁଖ୍ୟ ରାସ୍ତା ରେ ଦୁର୍ଘଟଣା ରୋକିବା ଓ ଟବାକୋ ମୁକ୍ତ ଜୀବନ ପାଇଁ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ କରିଛନ୍ତି। ଏଥିରେ ଏନଏସଏସ ପ୍ରୋଗ୍ରାମ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଙ୍କ ନେତୃତ୍ୱ ରେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ମମତା ସ୍ୱାଇଁ, ପ୍ରସନ୍ନ କୁମାର ଛାଟୋଇ, ପ୍ରଶାନ୍ତ କୁମାର ବେହେରା ଙ୍କ ସହ ୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛତ୍ରୀ ଯୋଗ ଦେଇଥିଲେ। ଉକୁଳେଇ ମହାତ୍ମାଗାନ୍ଧୀ କଲେଜ ସମ୍ମୁଖରୁ ଏକ ପଦଯାତ୍ରା ରେ ବାହାରି ମୁଖ୍ୟ ରାସ୍ତା ରେ ଆସୁଥିବା ଗାଡି ଚାଳକ ମାନଙ୍କୁ ଅଟକାଇ ହେଲମେଟ ଓ ସିଟ ବେଲ୍ଟ ବାନ୍ଧିବା କୁ ସଚେତନତା କରାଇବା ସହ ଗୁଟଖା ଖାଉଥିବା ଲୋକ ଟବାକୋ ନଖାଇବାକୁ ପରାମର୍ଶ ଦେଇଛନ୍ତି। ମହାତ୍ମାଗାନ୍ଧୀ କଲେଜ ରେ ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି ।

ଭୀମ ଭୋଇ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ

ପରଜଙ୍ଗ(ମହାଭାରତ) ଏହି ବ୍ଲକ ପଂଚାୟତ ସମିତି ତରଫରୁ ମହେଶଚନ୍ଦ୍ର ସୁବାହୁ ସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ଦଳବେହେରା ଯୋଗଦେଇ ଭୀମ ଭୋଇ ସାମର୍ଥ୍ୟ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ୪୫ ଜଣ, ଦୃଷ୍ଟି ବାଧକ ୧୪ଜଣ, ଶ୍ରବଣ ବାଧକ ୪୨ ଜଣ, ଭେଷଜ ୧୧ ଜଣ, ବୈଦ୍ଧିକ ବାଧିତ ୪୨ଓ ଅନ୍ୟାନ୍ୟ ୨୪ଜଣ, ସମୁଦାୟକ ୧୭୮ଜଣ ଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇ ପ୍ରମାଣ ପତ୍ର ଦିଆଯାଇଥିଲା ଏବଂ ସମୁଦାୟ ପଞ୍ଜିକୃତ ୪୭୨ ହୋଇଥିଲା। ପରଜଙ୍ଗ ପଂଚାୟତ ସମିତି ଉର୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ତତ୍ତ୍ୱାବଧାନରେ ହୋଇଥିବା ସହ ବିଭିନ୍ନ ଡାକ୍ତରମାନେ ଭିଣ୍ଣକ୍ଷମା ମାନଙ୍କୁ ପରୀକ୍ଷା କରି ଉପକରଣ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକର୍ମରେ ବ୍ଲକ ଉପଧକ୍ଷା ଯଶଶ୍ୱନୀ ରାଉତ, କାନ୍ଦରସିଂହା ସରପଞ୍ଚ ବିଜେନ୍ଦ୍ର ସାହୁ, ବସୁଲେଇ ସରପଞ୍ଚ ଅଶାନ୍ତି ରାଉତ, ପାଟର ପଦା ସରପଞ୍ଚ ଜ୍ୟୁସ୍ନାମଇ ବିଶ୍ୱାଳ, ପଥର ଖୁମ୍ବ ସରପଞ୍ଚ ବଳଭଦ୍ର ସାହୁ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠି ଓ ସମସ୍ତ କର୍ମଚାରୀ ସହ ମହେଶଚନ୍ଦ୍ର ସୁବାହୁ ସିଂହ ନୋଡାଲ ବିଦ୍ୟାପୀଠ ଶିକ୍ଷକ, ଶିକ୍ଷୟତ୍ରୀ, କଲେଜ ଛାତ୍ର ଛାତ୍ରୀ ଓ ପୋଲିସ, ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ।

ବିଷମ କଟକ ଗାଁ ରାସ୍ତା ପାଲଟିଛି ଗୋଶାଳା

ବିଷମ କଟକ:(ମହାଭାରତ) ବିଷମ କଟକ ଗାଁର ମୁଖ୍ୟ ରାସ୍ତା ଏବେ ଗୋଶାଳାରେ ପରିଣତ ହୋଇଛି। ରାସ୍ତା ଉପରେ ସବୁବେଳେ ଗାଈଙ୍କ ଉପସ୍ଥିତି ଯୋଗୁଁ ଗାଡ଼ି ଯିବାଆସିବାରେ ଅସୁବିଧା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସାଧାରଣ ଜନତାଙ୍କ ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହେଉଛି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗାଈ ମାଲିକମାନେ ଖିର ଧୋଇ ଗାଈଙ୍କୁ ରାସ୍ତାରେ ଛାଡ଼ିଦେଉଛନ୍ତି, ଯାହା ଏହି ସମସ୍ୟାର ମୂଳ କାରଣ। ଏହା ଦ୍ୱାରା ରାସ୍ତାରେ ଅସୁବିଧା ସହ ପରିବେଶ ଅପରିଷ୍କାର ହେଉଛି। ଗାଁବାସୀ ପ୍ରଶାସନଙ୍କ ନିକଟରେ ଏହି ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଛନ୍ତି। ସ୍ଥାନୀୟ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି, ଯାହାଦ୍ୱାରା ରାସ୍ତା ନିରାପଦ ଓ ସୁଗମ ହେବ।

ବହ୍ମଚାରିଣୀ ରୂପରେ ପୂଜା ପାଇଲେ ମା' ଦୁର୍ଗା

ଆସିକା(ମହାଭାରତ): ଗାଁ ଠାରୁ ସହର ପର୍ଯ୍ୟନ୍ତ ଶରତ କାଳୀନ ଦୁର୍ଗାଉତ୍ସବ ପାଳନ ହେଉଛି । ଆଜି ମାନଙ୍କୁ ବହ୍ମଚାରିଣୀ ରୂପରେ ପୂଜା କରାଯାଉଛି । ପ୍ରାତଃ ସମୟରୁ ପୂଜକ ଦ୍ୱାରା ଦ୍ୱାର ଫିଠା, ମଙ୍ଗଳ ଆରତୀ, ମଇଲମ, ବେଶ, ବାଳ ଭୋଗ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ପ୍ରଦୀପ କୁମାର ହୋତା,ପୁରହିତ ଗଗନ ବିହାରୀ ହୋତା,ଅଜିତ କୁମାର ହୋତା,ପ୍ରମୁଖ କର୍ତା ହରିହର ପାଢ଼ୀ କର୍ତ୍ତା ଗୀତାଞ୍ଜଳି ପାଢ଼ୀ ଙ୍କୁ ରକ୍ଷା ବନ୍ଧନ,ସୂର୍ଯ୍ୟ ପୂଜା,ସୂର୍ଯ୍ୟାର୍ଘ୍ୟ,ନବ ଗ୍ରହ ଗ୍ରହ ପୂଜା, ନବ ପତ୍ରିକା ପୂଜନ, ଗଣେଶ, କାର୍ତ୍ତିକ, ଦଶ ଦିଗପାଳ,ଅଷ୍ଟ ଭୈରବ, ଅଷ୍ଟ କ୍ଷେତ୍ର ପାଳ, ଅଷ୍ଟ ନାଗ, ଅଷ୍ଟ ନାଗ ତ୍ନୀ, ମା ବୁଢ଼ୀ ଠାକୁରାଣୀ ଙ୍କ ଷୋଡଶ ଉପଚାର ପୂଜନ,ମା କାଳୀ, ମା ଦୁର୍ଗା ପୂଜନ, ଅର୍ଚନ, ହୋମ ଯଂଜ୍ଞ, ଆରତୀ, ପୁଷ୍ପାଞ୍ଜଳି, କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ର ତ୍ରିଲୋଚନ ପାଣିଗ୍ରାହୀ,ଯୋଗେନ୍ଦ୍ର ନାଥ ପ୍ରଧାନ,ପ୍ରମୋଦ କୁମାର ଚୌଧୁରୀ ବାବୁଲା ଦାସ, ନରହରି ବିଷୋୟୀ, ଶିବ କୁମାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେବାପକ୍ଷ ଉପଲକ୍ଷେ ବିଶାଳ ରକ୍ତଦାନ ଓ ବୃକ୍ଷ ଦାନ ଶିବିର ୧୨୦ ୟୁନିଟ ରକ୍ତ ସଂଗୃହିତ

ଚାନ୍ଦବାଲି (ମହାଭାରତ): ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ତଥା ସେବାପକ୍ଷ ଅବସରରେ ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନୀ ମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ଦିନ ୧୧ ଟା ବେଳେ ସେବା ପକ୍ଷ ସଂଯୋଜକ ପାରିଷଦ ଚନ୍ଦନ କୁମାର ରାଉତଙ୍କ ସଂଯୋଜନାରେ ମତୋ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଶିବିରରେ ମୋଟ ୧୨୦ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ପ୍ରତି ରକ୍ତଦାତାଙ୍କୁ ଭାଜପା ପକ୍ଷରୁ ଏକ ବୃକ୍ଷ ପ୍ରଦାନ କରାଯିବା ସହିତ ମାନପତ୍ର ପ୍ରଦାନ କରି ସଂମ୍ମାନିତ କରାଯାଇଥିଲା । ସେହିପରି ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଂଯୋଜକ ଉପେନ୍ଦ୍ର କୁମାର ରାଉଳ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର ପ୍ରମୁଖ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଶିବିରରେ ମତୋ ମଣ୍ଡଳ ସଭାପତି ଚନ୍ଦନ କୁମାର ବଳ, ଆରଡ଼ି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ, ମା କାଳୀ ମଣ୍ଡଳ ସଭାପତି ପ୍ରବୀର ରାଉତ, ସରପଞ୍ଚ ସୁରଭି ନାୟକ,ସମିତି ସଭ୍ୟ ଅଭୟ ବଳ, ଯୁବ ନେତା ସୁଶାନ୍ତ ପୁହାଣ, ମୀନକେତନ ବିଶ୍ୱାଳ,ବିଜୟ କୁମାର ବେହେରା, ବିଶ୍ୱମୋହନ ଜେନା, ଦେବାଶିଷ ନାୟକ, ଦିଲ୍ଲୀପ ରାଉତ,କିରଣ ରାଉତ, ମୁକ୍ତିକାନ୍ତ ରାଉତ, ଆଇଟି ସେଲ ଅଶୋକ ରାଉତ ଓ ଉଦୟକେତନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ଗୀତା ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲିପାଟଣା(ମହାଭାରତ) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ ବାଲିପାଟଣା ବନମାଳୀପୁର ସ୍ଥିତ ଗୀତା ଇନଷ୍ଟିଚ୍ୟୁଟ ଅଫ୍ ଇନଫରମେସନ ଟେକ୍ନୋଲୋଜି ଏବଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେବା ପକ୍ଷ ପାଳନ କରାଯାଇଛି । ଅନୁଷ୍ଠାନର ଅଧକ୍ଷ ମନୋରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଇନଷ୍ଟିଚ୍ୟୁଟ ସଭାଗୃହରେ ଗୀତା ଇନଷ୍ଟିଚ୍ୟୁଟ ଓ ସୁଶ୍ରୁତା ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମେଗା ମାଗଣା ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ଚିକିତ୍ସା ଶିବିର ସହିତ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ଗୋଲଖ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫାଣ୍ଡି ଅଧିକାରୀ ରାକେଶ କୁମାର ସାମଲ , ସୁଶ୍ରୁତା ହସ୍ପିଟାଲର ସ୍ୱାସ୍ଥ୍ୟ ଅଧିକାରୀ ତ୍ରିଲୋଚନ ସାହୁ , ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପୃଥିରାଜ ଅଂଶୁମାନ , ଦୈତାରି ମାଣିକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅସ୍ଥିଶଲ୍ୟ, ମାନସିକ , ଚକ୍ଷୁ , ସାଧାରଣ , ଡେଣ୍ଟାଲ , ସର୍ଜରୀ, ମେଡିସିନ ଆଦି ବିଭାଗର ବିଶେଷଜ୍ଞ ମାନଙ୍କ ଦ୍ୱାରା ମୋଟ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇ ଥିଲା।

ମିଶନ ଶକ୍ତି ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା

ପରଜଙ୍ଗ - (ମହାଭାରତ) ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ବସିଲେ ଶତାଧିକ ମିଶନ ଶକ୍ତି ଗୋଷ୍ଠୀ ସହାୟିକା କର୍ମୀ। ତେବେ ଗୋଷ୍ଠୀ ସହାୟିକାଙ୍କ ଦାବି ସ୍ଥାୟୀ ନିଯୁକ୍ତି,ଦରମା ବୃଦ୍ଧି,ଏକାଉ□ରେ ଦରମା ଦିଆଯାଉ ବୋଲି ଧାରଣା ଦେଇଛନ୍ତି। ବିଭିନ୍ନ ପଂଚାୟତରେ କାର୍ଯ୍ୟକରୁଥିବା ଗୋଷ୍ଠୀ ସହାୟିକା କର୍ମୀ ପଂଚାୟତ ସ୍ତରରେ ମିଶନ ଶକ୍ତି ବିଭାଗରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି।ତେବେ ବର୍ତମାନ ସେମାନଙ୍କୁ କାର୍ଯ୍ୟ ଆଧାରରେ ଦରମା ଦିଆଯାଉଥିବା ବେଳେ ତାହା ପରିଶ୍ରମ ଠାରୁ ବହୁତ କମ ରହୁଛି। ପୂର୍ବରୁ ସେମାନେ ନିର୍ଦ୍ଧିଷ୍ଟ ଦରମା ପାଉଥିବା ବେଳେ ବର୍ତମାନ ଯେତିକି କାର୍ଯ୍ୟ ସେତିକି ଦରମା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି ବୋଲି ଶତାଧିକ ଗୋଷ୍ଠୀ ସହାୟିକା କର୍ମୀମାନେ ସରକାରଙ୍କ ବିରୋଧରରେ ନାରାବାଜି କରିବା ସହ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧିକୁ ନେଇ ପରଜଙ୍ଗ ବ୍ଲକ ମିଶନ ଶକ୍ତି ଗୋଷ୍ଠୀ ସହାୟିକା ସଭାପତି ରେଣୁବାଳା ସାମଲ ପ୍ରତିବାଦ ସହ ଗଣଧାରଣା କରାଯିବ ବୋଲି କହିଛନ୍ତି।

ଆସିକା ବ୍ଲକରେ ତୃତୀୟ ଓ ପଞ୍ଚମଶ୍ରେଣୀ ବୃତ୍ତି ପରୀକ୍ଷା

ଆସିକା(ମହାଭାରତ): ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ର ବୃତ୍ତି ପରୀକ୍ଷା ଆସିକା ବ୍ଲକ ଶିକ୍ଷା ଅଧିକାରିଣୀ ମୁନରାଣୀ ମହାନ୍ତିଙ୍କ ପ୍ରତେଷ୍ୟ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆସିକା ହରିହର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି।ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ବିଦ୍ୟାଳୟ ଗୁଡିକ ମଧ୍ୟରୁ ତୃତୀୟ ଶ୍ରେଣୀ ରୁ ୧୩୫ ଜଣ ପରୀକ୍ଷା ଦେବା ନିମନ୍ତେ ପଞ୍ଜିକରଣ କରିଥିଲେ। କିନ୍ତୁ ଆଜି ପରୀକ୍ଷା କେନ୍ଦ୍ର ରେ ୨ ଜଣ ଅନୁପସ୍ଥିତ ରହି ଥିବା ବେଳେ ୧୩୩ ଜଣ ବୃତ୍ତି ପରୀକ୍ଷା ଦେଇଥିଲେ। ସେହି ଭଳି ପଞ୍ଚମ ଶ୍ରେଣୀ ରୁ ୧୩୬ ଜଣ ପଞ୍ଜିକରଣ କରିଥିଲେ। କିନ୍ତୁ ଆଜି ପରୀକ୍ଷା କେନ୍ଦ୍ର ରେ ୫ଜଣ ଅନୁପସ୍ଥିତ ରହି ୧୩୧ ଜଣ ବୃତ୍ତି ପରୀକ୍ଷା ଦେଇଥିଲେ।ହରିହର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ପରୀକ୍ଷାରେଅତିରିକ୍ତ ଶିକ୍ଷା ଅଧିକାରୀ ଶିବରାମ ବେହେରା ତଦାରଖ କରିଥିଲେ।

ପୁରପଲ୍ଲୀରେ ପାଳିତ ହେଉଛି ଜହ୍ନି ଓଷା

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର କେରାଣ୍ଡି ଗ୍ରାମ ଓ କତଲ କଇଠା ପଞ୍ଚାୟତର ଯାଜପୁର ଗ୍ରାମ ଭଳି ବିଭିନ୍ନ ପୁରପଲ୍ଲୀରେ ଜହ୍ନିଓଷା ପାଳନ କରାଯାଉଛି।କୁମାରୀ ମାନେ ଏହି ପୂଜା କରିଥାନ୍ତିୟ ଏହି ପୂଜା ଭାଦ୍ରବପୂର୍ଣ୍ଣିମା ଠାରୁ ଆରମ୍ଭ କରି କୁମାର ପୂର୍ଣ୍ଣିମାରେ ଶେଷ କରାଯାଏ। ଲୌକିକ କଥା ରହିଛି ଜହ୍ନି ଓଷା କଲେ ନିଜର ମନ କାମନା ପୂର୍ଣ୍ଣ ହେବା ସହ ଜର ରୋଗରୁ ମୁକ୍ତ ହୋଇଥାଏ। ନିଜ ପରିବାରର ମଙ୍ଗଳ ହୋଇଥାଏଯକୁମାରି ମାନେ ତୁଳସୀ ଗଛ ମୂଳରେ ଲିପା ପୋଛା କରି କୁମ୍ଭ ବସାଇ ଧୂପ ଦୀପ ନୈବେଦ୍ୟ ସହ ପୂଜାର୍ଚ୍ଚନା କରୁଛନ୍ତି।କୁମାର ପୂର୍ଣ୍ଣିମା ଦିନ ଉପବାସ ରହି ଜହ୍ନି ଓଷା କୁ ଉଦଯାପନ କରାଯାଏ ଏହି ଦିନ ସାତ ପ୍ରକାର ପିଠା,ପଣା, ଫଳ,ପାଚିଲା ସହ ଉଖୁଡା ପ୍ରଭୃତି ଜିନିଷ ଭୋଗ ଲଗାଇ ଚନ୍ଦ୍ରକୁ ଅର୍ଘ୍ୟ ଦେଇ ତୁଳସୀ ଗଛ ନିକଟରେ ପୂଜା କ

ଫିଲିପାଇନ୍ସରେ ତାଣ୍ଡବ ରଚିଛି ସୁପର ଟାଇଫୁନ 'ରାଗାସା'

ଫିଲିପାଇନ୍ସ : ଫିଲିପାଇନ୍ସରେ ଶକ୍ତିଶାଳୀ 'ରାଗାସା'ତାଣ୍ଡବ ରଚିଛି । 'ରାଗାସା'ର ତାଣ୍ଡବ ମହାବତ୍ୟାଠାରୁ କମ୍ ନଥିଲା । ରାଗାସା ସ୍ଥଳଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୨୭୦ କିଲୋମିଟର ପବନ ବହିବା ଆରମ୍ଭ ହୋଇଥିଲା । ଏହି ଭୟାବହ ତୋଫାନକୁ ଦୃଷ୍ଟିରେ ରଖି ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା । ସୂଚନାନୁଯାୟୀ, ରାଗାସା ପ୍ରଭାବରେ ଫିଲିପାଇନ୍ସରେ ଅନେକ ଘରଦ୍ୱାର ଭାଙ୍ଗିବା ସହିତ ବିରାଟ ବିରାଟ ଗଛ ଉପୁଡ଼ି ପଡ଼ିଛି । ଏହାରି ମଧ୍ୟରେ ଫିଲିପାଇନ୍ସ ମଧ୍ୟ ହାଇ ଆଲର୍ଟ ଜାରି କରିଛି । ଫିଲିପାଇନ୍ସ ବ୍ୟତୀତ ଏହାର ପ୍ରଭାବ ହଂକଂ, ତାଇୱାନ୍ ଏବଂ ଚୀନ୍ ଉପରେ ପଡିଥିବା ଜଣାପଡିଛି । ଫଳରେ ତାଇୱାନ ସମସ୍ତ ବିମାନ ଉଡ଼ାଣ ବନ୍ଦ କରିଥିଲାବେଳେ ହଂକଂ ବିମାନବନ୍ଦର ଆଗାମୀ ୩୬ ଘଣ୍ଟା ପାଇଁ ସମସ୍ତ ଉଡ଼ାଣ ବନ୍ଦ କରିଛି । ଏହି ଭୟଙ୍କର ଝଡ଼ ପାଇଁ ସ୍କୁଲ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି । ଅନ୍ୟପଟେ ଚୀନର ସନଜେନ ସହରରୁ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସେହିପରି ପୂର୍ବ ତାଇୱାନର ହୁଆଲିଏନ୍ କାଉଣ୍ଟିରୁ ପ୍ରାୟ ୩୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଝୁହାଇ ଏବଂ ଜିଆଙ୍ଗମେନରେ ସ୍କୁଲ ସମେତ କାମ, କାରଖାନା, ବସ୍ ଏବଂ ଦୋକାନ ବନ୍ଦ ରହିଥିବାବେଳେ ତାଇୱାନରେ ମଧ୍ୟ ସମସ୍ତ ସେବା ବନ୍ଦ କରାଯାଇଛି । ବନ୍ୟା ଏବଂ ଝଡ଼ ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

ପ୍ରଗତିକୁ ତ୍ୱରାନ୍ୱିତ କରିବ

ନୂଆଦିଲ୍ଲୀ : କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସରେ ଆଣିଥିବା ସଂସ୍କାର (ଜିଏସ୍‌ଟି ୨.୦) ସୋମବାରରୁ ଲାଗୁ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଏକ ଖୋଲାଚିଠି ଜରିଆରେ ଏହାକୁ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି। ଜିଏସ୍‌ଟି ହାର କମିବା ଅର୍ଥ ପ୍ରତି ପରିବାର ପାଇଁ ଅଧିକ ସଞ୍ଚୟ ଏବଂ ବ୍ୟବସାୟ ନିମନ୍ତେ ଅଧିକ ସହଜ ହେବ। ସାରା ଦେଶରେ ନବରାତ୍ରି ପାଳନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକ ଓ ସେମାନଙ୍କ ପରିବାରକୁ ହୃଦୟଭରା ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବ ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ଆଣୁ ବୋଲି ସେ କହିଛନ୍ତି। ଚଳିତବର୍ଷର ପାର୍ବଣ ଋତୁ ଅଧିକ ଆନନ୍ଦ ଆଣିଛି। ସେପ୍ଟେମ୍ବର ୨୨ରୁ ପରବର୍ତ୍ତୀ ପିଢ଼ି ଜିଏସ୍ ?ଟି ସଂସ୍କାର ଲାଗୁ ହୋଇଛି, ଯାହାର ଉପସ୍ଥିତି ଅନୁଭୂତ ହେବା ଆରମ୍ଭ ହୋଇଛି। ଏହା ସାରା ଦେଶରେ ଜିଏସ୍‌ଟି ସେଭିଂସ୍ ଫେଷ୍ଟିଭାଲ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସଂସ୍କାର ସଞ୍ଚୟ ବଢ଼ାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ, ଯାହା ଅଧିକ ଅଭିବୃଦ୍ଧି ଓ ନିବେଶକୁ ପ୍ରୋତ୍ସାହିତ କରିବା ସହ ପ୍ରତି ରାଜ୍ୟ ଓ ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଟିକସ ବ୍ୟବସ୍ଥାର ସରଳୀକରଣ ଏବଂ ପରିବାର, ବ୍ୟବସାୟୀ, କୃଷକଙ୍କ ଉପରେ ଆର୍ଥିକ୍ ବୋଝକୁ ଲାଘବ କରିବା ଏବଂ ଉତ୍ସବ ଋତୁ ସମୟରେ ଆଶ୍ୱସ୍ତି ଆଣିବା ଜିଏସ୍‌ଟି ୨.୦ର ଲକ୍ଷ୍ୟ। ଜିଏସ୍‌ଟିରେ ପୂର୍ବରୁ ରହିଥିବା ୪ଟି ସ୍ଲାବ୍ ?ରୁ ୨ଟିକୁ ହଟାଇ ଦିଆଯାଇ କେବଳ ୫% ଓ ୧୮%କୁ ରଖାଯାଇଛି। ଖାଦ୍ୟ, ଔଷଧ, ସାବୁନ, ଟୁଥ୍‌ପେଷ୍ଟ ଆଦି ଦୈନନ୍ଦିନ ଆବଶ୍ୟକତା ସମେତ ବୀମା ଓ ଅନେକ କିଛି ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇଛି କିମ୍ବା ୫ ପ୍ରତିଶତ ଟିକସ ସ୍ଲାବ୍‌ରେ ରହିଛି। ପୂର୍ବରୁ ୧୨% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୫% ସ୍ଲାବ୍ ମଧ୍ୟକୁ ଅଣାଯାଇଛି। ଆୟକର ଛାଡ଼ ଏବଂ ଜିଏସ୍‌ଟିର ନୂଆପିଢ଼ି ସଂସ୍କାରକୁ ଯଦି ଆମେ ଏକାଠି ନେବା, ତେବେ ଲୋକେ ପାଖାପାଖି ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଘରଖର୍ଚ୍ଚ କମିବା ଯୋଗୁ ସେମାନେ ଘର ତିଆରି, ଗାଡ଼ିକିଣା, ବିଭିନ୍ନ ଉପକରଣ କିଣା ଆଦି ଆଶା ଆକାଂକ୍ଷା ପୂରଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟ୍ରମ୍ପଙ୍କ ପାରାସିଟାମଲ୍ ଦାବିକୁ ଖାରଜ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ କହିଛନ୍ତି ଯେ ଗର୍ଭବତୀ ମହିଳାମାନେ ପାରାସିଟାମଲ୍ ବ୍ୟବହାର କରିବା ଉଚିତ୍ ନୁହେଁ, ଯାହା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲିଓ) ପ୍ରତିକ୍ରିୟା ପ୍ରକାଶ କରିଛି। ଟ୍ରମ୍ପ ଦାବି କରିଛନ୍ତି ଯେ ଗର୍ଭଧାରଣ ସମୟରେ ପାରାସିଟାମଲ୍ ଗ୍ରହଣ କରିବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ଅଟିଜିମ୍ ଏବଂ ଏଡିଏଚଡ଼ି (ହାଇପରଆକ୍ଟିଭିଟି ଡିସଅର୍ଡର) ହେବାର ଆଶଙ୍କା ବୃଦ୍ଧି ପାଇପାରେ। ତେବେ ଟ୍ରମ୍ପଙ୍କ ଏହି ଦାବିକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତ୍ୟାଖ୍ୟାନ କରିଛି। ହୁ କହିଛି ଯେ ଗର୍ଭଧାରଣ ସମୟରେ ପାରାସିଟାମଲ୍ ପିଲାମାନଙ୍କ ମଧ୍ୟରେ ଅଟିଜିମ୍ ହେବାର ଆଶଙ୍କା ବୃଦ୍ଧି କରେ ବୋଲି ଏପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ। ଡାକ୍ତରଙ୍କ ପରାମର୍ଶ ନେଇ ପାରାସିଟାମଲ୍ ଗ୍ରହଣ କଲେ ଗର୍ଭଧାରଣ ସମୟରେ ଏହାକୁ ନିରାପଦ ବୋଲି ବିବେଚନା କରାଯାଉଛି ବୋଲି ହୁ ଦାବି କରିଛି । ରଏଟର୍ସ ରିପୋର୍ଟ ଅନୁଯାୟୀ, ହୁ ମୁଖପାତ୍ର ତାରିକ ଜାସାରେଭିକ୍ ଜେନେଭାରେ କହିଛନ୍ତି, 'ଟିକା ଅଟିଜିମ୍ ସୃଷ୍ଟି କରେ ନାହିଁ, କିନ୍ତୁ ଏହା ଜୀବନ ବଞ୍ଚାଏ। ଏହା ଏପରି କିଛି ଯାହା ବିଜ୍ଞାନ ପ୍ରମାଣ କରିଛି। ଏହି ଜିନିଷଗୁଡ଼ିକୁ ପ୍ରକୃତରେ ପ୍ରଶ୍ନ କରାଯିବା ଉଚିତ୍ ନୁହେଁ।' ୟୁରୋପୀୟ ଔଷଧ ଏଜେନ୍ସି ମଧ୍ୟ କହିଛି ଯେ ଟ୍ରମ୍ପଙ୍କ ଦାବିକୁ ସମର୍ଥନ କରିବା ପାଇଁ କୌଣସି ପ୍ରମାଣ ନାହିଁ। ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେରିକା ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ) ଗର୍ଭବତୀ ମହିଳାମାନଙ୍କ ପାଇଁ ଆସିଟାମିନୋଫେନ୍ ଲେବଲ୍ ଉପରେ ଏକ ଚେତାବନୀ ଯୋଡ଼ିବ, ଗର୍ଭଧାରଣ ସମୟରେ ଏହାର ବ୍ୟବହାର ବିରୁଦ୍ଧରେ ସତର୍କ କରାଇବ। ସେ ଗର୍ଭବତୀ ମହିଳାଙ୍କୁ ପାରାସିଟାମଲ୍ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଛନ୍ତି। ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ଟ୍ରମ୍ପ ତାଙ୍କ ଦାବିକୁ ଅତିରଞ୍ଜିତ କରୁଛନ୍ତି। ଏଫଡିଏ ଏପର୍ଯ୍ୟନ୍ତ ପାରାସିଟାମୋଲ ଅଟିଜିମ ସୃଷ୍ଟି କରେ ବୋଲି ଚେତାବନୀ ଦେଇନାହିଁ। ଏଫଡିଏ ସ୍ପଷ୍ଟ କରିଛି ଯେ ଟ୍ରମ୍ପଙ୍କ ଦାବିକୁ ସମ୍ପୂର୍ଣ୍ଣ ସମର୍ଥନ କରିବା ପାଇଁ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଟ୍ରମ୍ପ ଅଟିଜିମର ଚିକିତ୍ସା ପାଇଁ ଏକ 'ଚମତ୍କାର ଔଷଧ' ଆବିଷ୍କାର କରିଥିବା ମଧ୍ୟ ଦାବି କରିଛନ୍ତି।

ଭାରତୀୟ ଏୟାରସ୍ପେସରେ ପାକିସ୍ତାନ ବିମାନକୁ ନୋ ଏଣ୍ଟ୍ରି

ନୂଆଦିଲ୍ଲୀ: ଭାରତ ତରଫରୁ ପାକିସ୍ତାନୀ ଏୟାରଲାଇନ୍ସ ଓ ବିମାନକୁ ଭାରତୀୟ ଏୟାରସ୍ପେସରେ ପ୍ରବେଶ ଉପରେ ଲଗାଇଥିବା ପ୍ରତିବନ୍ଧକ ଅବଧୀ ପୁଣି ପୁଣି ବୃଦ୍ଧି କରିଛି । ଏହି ପ୍ରତିବନ୍ଧକ ଆଗାମୀ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଜାରି ରହିବ । ଭାରତର ବେସାମରିକ ବିମାନ ଚଳାଚଳ ବିଭାଗ ତରଫରୁ ଏନେଇ ନୋଟିସ ଜାରି କରାଯାଇଛି । ପ୍ରଥମେ ପାକିସ୍ତାନ ତାର ଏୟାରସ୍ପେସକୁ ଭାରତୀୟ ବିମାନ ଓ ଏୟାରଲାଇନ୍ସ ପାଇଁ ବନ୍ଦ କରିଦେଇଥିଲା । ଭାରତ ଓ ପାକିସ୍ତାନ ଲଗାତର ଭାବେ ୬ ମାସ ହେବ ଉଭୟ ଉଭୟଙ୍କ ପାଇଁ ଏୟାରସ୍ପେସ ବନ୍ଦ କରିଛନ୍ତି । କହିରଖୁ କି ପହଲଗାମ ଆତଙ୍କୀ ଆକ୍ରମଣ ପରେ ଉଭୟ ଦେଶ ମଧ୍ୟରେ ସଂପର୍କ ଖରାପ ହେବାରେ ଲାଗିଛି । ଏପ୍ରିଲ ୨୪ ତାରିଖରେ ପ୍ରଥମେ ପାକିସ୍ତାନ ଭାରତ ପାଇଁ ତା'ର ଏୟାରସ୍ପେସ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ବି ଏହାର ଜବାବରେ ପାକିସ୍ତାନ ବିମାନ ପାଇଁ ଭାରତର ଏୟାରସ୍ପେସ ବନ୍ଦ କରିଥିଲା । ସେବେଠାରୁ ଉଭୟ ଦେଶ ପ୍ରତିମାସରେ ଏକ ନୋଟିସ ଜାରି କରି ଏୟାରସ୍ପେସ ବନ୍ଦର ଅବଧିକୁ ବୃଦ୍ଧି କରିବାରେ ଲାଗିଛନ୍ତି ।

୨୩ ମାସ ପରେ ଜେଲରେ ମୁକୁଳିଲେ ସପା ନେତା ଆଜମ ଖାନ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ରାଜନୀତିର ଜଣାଶୁଣା ସମାଜବାଦୀ ପାର୍ଟି ନେତା ଆଜମ ଖାନ ଆଜି ଜେଲରୁ ମୁକୁଳିଛନ୍ତି । ତାଙ୍କ ନାମରେ ଥିବା ୭୨ ମାମଲାରେ ବେଲ୍ ମିଳିବା ପରେ ୨୩ ମାସ ପରେ ସୀତାପୁର ଜେଲରୁ ବାହାରିଛନ୍ତି ଆଜମ ଖାନ । ତାଙ୍କ ଉପରେ ୧୦୪ଟି କେସ୍ ରହିଛି । ଗତ ୨୩ ମାସ ଧରି ଉତ୍ତରପ୍ରଦେଶ ସୀତାପୁର ଜେଲରେ ବନ୍ଦୀ ଥିଲେ । ଜେଲରୁ ଆଜମ ମୁକୁଳିବା ପରେ ଜେଲ ବାହାରେ ତାଙ୍କ ସମର୍ଥକଙ୍କ ଭିଡ଼ ଲାଗିଥିଲା । ନିକଟରେ ଆଜମ ଖାନଙ୍କୁ କ୍ୱାଲିଟି ବାର୍ ଜମି ଦଖଲ ମାମଲାରେ ଆହ୍ଲାବାଦ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ । ଆଜମ ଜେଲରୁ ବାହାରିବା ପରେ ସମର୍ଥକ ଜୋରଦାର ସ୍ୱାଗତ କରିଛନ୍ତି । ଦଳୀୟ କର୍ମୀଙ୍କ ମହଲରେ ଖୁସିଲ ଲହରୀ ଖେଳି ଯାଇଛି । ଆଇନ ପ୍ରକ୍ରିୟା ସରିବା ପରେ କଡା ସୁରକ୍ଷାବଳ ଭିତରେ ଜେଲରୁ ବାହାରିବା ପରେ ପୁଅଙ୍କ ସହ ରାମପୁର ଅଭିମୁଖେ ଯାତ୍ରା କରିଛନ୍ତି ଆଜମ । ଉତ୍ତର ପ୍ରଦେଶ ରାମପୁରର ଆଜମ ଖାନ କ୍ୱାଲିଟି ବାର୍ ମାମଲା ଦୀର୍ଘ ଦିନ ଧରି ବିବାଦରେ ରହିଛି । ସେ ୨୦୧୩ରେ ମନ୍ତ୍ରୀ ଥିବା ସମୟରେ କ୍ୱାଲିଟି ବାର୍ଚ ଜମିକୁ ଅବୈଧ ଭାବେ ଦଖଲ କରି ପତ୍ନୀ ଓ ପୁଅଙ୍କ ନାମରେ କରିଥିଲେ । ୨୦୧୯ ଜମି ମାଲିକ ଗଗନ ଅରୋଡାଙ୍କ ଅଭିଯୋଗ ପରେ ଏଫଆଇଆର ଦାୟର ହୋଇଥିଲା । ୨୦୨୪ରେ ଆଜମଙ୍କୁ ମୁଖ୍ୟ ଅଭିଯୁକ୍ତ ଘୋଷଣା କରାଯାଇଥିଲା । ୨୦୨୫ ମେରେ ଏମପି-ଏମଏଲଏ କୋର୍ଟ ଜାମିନ ଖାରଜ କରିଥିଲେ । ହେଲେ ସେପ୍ଟେମ୍ବରରେ ଅହ୍ଲାବାଦ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ସେବେଠୁ ସେ ସୀତାପୁର ଜେଲରେ ବନ୍ଦୀ ଥିଲେ । ଆଜମ ଖାନଙ୍କ ବିରୁଦ୍ଧରେ ଜମି ହଡ଼ପ, ଠକେଇ ଏବଂ ଧମକ ସହିତ ଜଡିତ ଅନେକ ମାମଲା ରହିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କ ଏବଂ ତାଙ୍କ ପରିବାର ବିରୁଦ୍ଧରେ ୨୦୦ ରୁ ଅଧିକ ମାମଲା ରୁଜୁ ହୋଇଛି । ଯେଉଁଥିରେ କେବଳ ଆଜମ ଖାନଙ୍କ ବିରୁଦ୍ଧରେ ୧୦୦ ରୁ ଅଧିକ ମାମଲା ରହିଛି ।

ଆଲିଗଡ଼ରେ କାର୍ ଏବଂ ମିନିବସ୍ ମୁହାଁମୁହିଁ ଧକ୍କା, ୪ ମୃତ

ଉତ୍ତରପ୍ରଦେଶ : ଉତ୍ତର ପ୍ରଦେଶର ଆଲିଗଡ଼ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅକରାବାଦ ଥାନା ଅର୍ନ୍ତଗତ ଜାତୀୟ ରାଜପଥ ୯୧ରେ କାର୍ ଏବଂ ମିନିବସ୍ ମୁହାଁମୁହିଁ ଧକ୍କା ହୋଇଛନ୍ତି । ଫଳରେ ଉଭୟ ଗାଡ଼ି ମଧ୍ୟରେ ଭୟଙ୍କର ନିଆଁ ଲାଗି ଯାଇଥିଲା । ଦୁର୍ଘଟଣାରେ ପିଲାମାନଙ୍କ ସମେତ ଚାରି ଜଣ ଜଳିଯାଇଛନ୍ତି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଖବର ମୁତାବକ, ସୋମବାର ସକାଳ ପ୍ରାୟ ୬ଟା ସମୟରେ ଅଲିଗଡ଼ ସହରରୁ ପ୍ରାୟ ୨୦-୨୫ କିଲୋମିଟର ଦୂରରେ ଅକରାବାଦ ପୋଲିସ ଷ୍ଟେସନ ଅଧୀନରେ ଥିବା ଜାତୀୟ ରାଜପଥ ନାନଉ ସେତୁ

ନିକଟରେ ଦୁର୍ଘଟଣା ଘଟିଥିଲା । ଗାଡ଼ି ଦୁଇଠି ମୁହାଁମୁହିଁ ଧକ୍କା ପରେ ଇନ୍ଧନ ଟାଙ୍କି ଫାଟି ଯାଇଥିଲା । ଯେଉଁଥିପାଇଁ ଗାଡ଼ିରେ ନିଆଁ ଲାଗିଯାଇଥିଲା । ନିଆଁ ଦ୍ରୁତ ଗତିରେ ବ୍ୟାପିବାରୁ ଗାଡ଼ି ଭିତରେ ଫସି ରହିଥିବା ଲୋକମାନେ ଖସିଯିବାର ସୁଯୋଗ ପାଇନଥିଲେ । ତେବେ କାରରେ ଥିବା ପରିବାର, ମହିଳା ଏବଂ ପିଲାମାନେ ମନ୍ଦିର ଦର୍ଶନରୁ ଫେରୁଥିଲେ । ଚାରିଟି ମୃତଦେହ ଗୁରୁତର ଭାବରେ ପୋଡ଼ି ଯାଇଥିଲା, ଯାହା ଫଳରେ ଚିହ୍ନଟ କରିବା କଷ୍ଟକର ହୋଇପଡୁଥିଲା । ସମସ୍ତେ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡିଛି । ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ଟ୍ରମ୍ପଙ୍କ ପାଇଁ ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଅଟକାଇଲା ଆମେରିକା ପୁଲିସ

ୱାଶିଂଟନ: ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ କାରକୁ ଆମେରିକା ପୁଲିସ ଅଟକାଇଥିଲା । ସେ ଜାତିସଂଘ ସାଧାରଣ ପରିଷଦରେ ଯୋଗଦେବା ପାଇଁ ନ୍ୟୁୟର୍କରେ ପହଞ୍ଚିଥିଲେ। ଡୋନାଲ୍ଡ ଟ୍ରମ୍ପଙ୍କ କାରକାଡେକୁ ଦୃଷ୍ଟିରେ ରଖି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା, ଯାହା ଫଳରେ ମାକ୍ରନ ରାସ୍ତାକୁ ଓହ୍ଲାଇ ଟ୍ରାଫିକ ପୁଲିସ ଅଧିକାରୀଙ୍କ ସହ କଥା ହୋଇଥିଲେ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ, ଜଣେ ଅଧିକାରୀ ଟ୍ରମ୍ପଙ୍କ କାରକାଡେ ସେହି ରାସ୍ତାରେ ଆସୁଥିବା କହିଥିଲେ। ସେ ମାକ୍ରୋନଙ୍କ ସହ କଥା ହେଉଥିବାର ଦେଖାଯାଉଛି, ମାକ୍ରୋନଙ୍କୁ ରାସ୍ତା ବନ୍ଦ କରିବାକୁ ଅନୁରୋଧ କରୁଛନ୍ତି। ଏହା ପରେ, ମାକ୍ରୋନଙ୍କୁ ଫୋନ୍ ?ରେ କାହା ସହିତ କଥା ହେଉଥିବାର ଦେଖାଯାଉଛି। କୁହାଯାଉଛି ଯେ, ମାକ୍ରୋନ ଏହି ଫୋନ ଆମେରିକା ରାଷ୍ଟ୍ରପତିଙ୍କୁ କରିଥିଲେ। ମାକ୍ରନ ଟ୍ରମ୍ପଙ୍କୁ ଫୋନ୍ କରି ତାଙ୍କୁ ପରିହାସ ମଧ୍ୟ କରିଥିଲେ। ଏହା ପରେ ମାକ୍ରନ୍ ନ୍ୟୁୟର୍କର ରାସ୍ତାରେ ଠିଆ ହୋଇଥିବା ଲୋକଙ୍କ ସହ କଥାବାର୍ତ୍ତା କରିବା ଆରମ୍ଭ କରିଥିଲେ। ସେ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ। ତେବେ ନ୍ୟୁୟର୍କ ପୁଲିସ ବିଭାଗ ଏହି ଘଟଣା ଉପରେ କୌଣସି ବିବୃତି ଜାରି କରିନାହିଁ। ଇମାନୁଏଲ ମାକ୍ରନ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଯୋଗଦେବା ପାଇଁ ନ୍ୟୁୟର୍କରେ ପହଞ୍ଚିଛନ୍ତି। ବୈଠକର ପ୍ରଥମ ଦିନରେ ସେ ପାଲେଷ୍ଟାଇନକୁ ସ୍ୱୀକୃତି ଦେବାର ଘୋଷଣା କରିଛନ୍ତି। ଫ୍ରାନ୍ସ ଜାତିସଂଘର ସ୍ଥାୟୀ ସଦସ୍ୟ। ଏଥର ଜାତିସଂଘ ବୈଠକରେ ଆତଙ୍କବାଦ, ଜଳବାୟୁ ପରିବର୍ତ୍ତନ, ପାଲେଷ୍ଟାଇନ ଏବଂ ସିରିଆ ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଛି। ଏହି ବୈଠକରେ ସାରା ବିଶ୍ୱ ଫ୍ରାନ୍ସ ଉପରେ ନଜର ରଖିଛି କାରଣ ଫ୍ରାନ୍ସ ହେଉଛି ୟୁରୋପର ପ୍ରଥମ ଦେଶ ଏବଂ ଜାତିସଂଘର ସ୍ଥାୟୀ ସଦସ୍ୟ। ଫ୍ରାନ୍ସ ପାଲେଷ୍ଟାଇନକୁ ଏକ ପୃଥକ ଦେଶ ଭାବରେ ମାନ୍ୟତା ଦେବାକୁ ଘୋଷଣା କରିଛି।

ଭୁଶୁଡିଲା ତିନି ମହଲା କୋଠା, ୨ ମୃତ

ମଧ୍ୟପ୍ରଦେଶ : ଇନ୍ଦୋରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଇନ୍ଦୋର ଜବାହର ରାସ୍ତାରେ ଥିବା ରାଣୀପୁରା ଅଞ୍ଚଳରେ ତିନି ମହଲା କୋଠା ଭୁଶୁଡି ପଡିଛି । ଏହି ଦୁର୍ଘଟଣାରେ ୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି । ଏପରି ଘଟଣା ସୋମବାର ରାତିରେ ଦେଖିବାକୁ ମିଳିଛି । ଦୀର୍ଘ ୫ ଘଣ୍ଟା ଧରି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ହୋଇଥିଲା । ସୂଚନାନୁଯାୟୀ, କୋଠାରେ ପୂର୍ବରୁ ଫାଟ ଥିଲା । ସେହି କାରଣରୁ ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି । କିନ୍ତୁ ଏହା ଏତେ ବଡ଼ ବିପର୍ଯ୍ୟୟର କାରଣ ହେବ ବୋଲି କେହି ଆଶା କରିନଥିଲେ । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇଛି । ମୃତକ ହେଲେ ଆଲିଫା (୨୦) ଏବଂ ଫହିମ୍ । ଏହାରି ମଧ୍ୟରେ ପ୍ରଶାସନ ଏବଂ ଘଉଜର ଟିମର ଦୀର୍ଘ ୫ ଘଣ୍ଟାର ପରିଶ୍ରମ ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ତୁରନ୍ତ ମେୟର ପୁଷ୍ୟମିତ୍ର ଭାର୍ଗବ, ପୋଲିସ କମିଶନର ସନ୍ତୋଷ ସିଂହ ଏବଂ କଲେକ୍ଟର ଶିବମ୍ ବର୍ମା ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତଦାରଖ କରିଥିଲେ । ଅନ୍ୟପଟେ କୋଠାର ସାମ୍ନା ଭାଗଟି ନବୀକରଣ କରାଯାଇଥିଲା । ପୋଲିସ ଏବଂ ପ୍ରଶାସନ ମିଳିତ ଭାବରେ ଏବେ କୋଠାର ଅବସ୍ଥା ଯାଞ୍ଚ କରିବେ ବୋଲି କଲେକ୍ଟର ଶିବମ୍ ବର୍ମା କହିଛନ୍ତି । କିନ୍ତୁ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କୋଠାଟି ପୂର୍ବରୁ ଖରାପ ଅବସ୍ଥାରେ ଥିଲା ଏବଂ କିଛି ଦିନ ଧରି ଫାଟ ଦେଖାଯାଉଥିଲା । ଏଥି ସହ ମେୟର ପୁଷ

ଆଜି ଭାରତ-ବାଂଲାଦେଶ ମ୍ୟାଚ୍

ଭାରତକୁ ହରାଇବାର ଯୋଗ୍ୟତା ରହିଛି : ବାଂଲାଦେଶ କୋଚ

ନୂଆ ।ଦିଲ୍ଲୀ, ୨୩।୯: ଶ୍ରୀଲଙ୍କାକୁ ସୁପର-୪ ପର୍ଯ୍ୟାୟରେ ହରାଇବା ପରେ ବାଂଲାଦେଶର ଆତ୍ମବିଶ୍ୱାସ ଖୁବ୍ ବଢି ଯାଇଛି। ଏବେ ବାଂଲାଦେଶର ହେଡ୍ କୋଚ୍ ଫିଲ୍ ସିମନ୍ସଙ୍କ କହିବା ଅନୁସାରେ ଭାରତ ସବୁବେଳେ ଅଜେୟ ନୁହେଁ। ସବୁ ଟିମ୍ ପାଖରେ ଭାରତକୁ ହରାଇବାର ଯୋଗ୍ୟତା ରହିଛି। ବୁଧବାର ଭାରତ ସହ ବାଂଲାଦେଶର ମ୍ୟାଚ୍ ରହିଥିବା ବେଳେ ତା ପୂର୍ବରୁ ଫିଲ୍ ସିମ୍ସନ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ପାକିସ୍ତାନକୁ ହରାଇବା ପରେ ଆସନ୍ତାକାଲି ଭାରତ-ବାଂଲାଦେଶ ଭିତରେ ମ୍ୟାଚ୍ ରହିଛି। ୱେଷ୍ଟ ଇଣ୍ଡିଜ୍ ପକ୍ଷରୁ ୧୯୮୭ ରୁ ୧୯୯୯ ପର୍ଯ୍ୟନ୍ତ ଖେଳୁଥିବା ସିମନ୍ସଙ୍କୁ ଯେତେବେଳ ପଚରାଯାଇଥିଲା କଣ ଭାରତୀୟ ଟିମ୍‌କୁ ହରାଇବା ସମ୍ଭବ ? ସେ କହିଥିଲେ, ପ୍ରତି ଟିମ୍ ପାଖରେ ଭାରତୀୟ ଟିମ୍‌କୁ ହରାଇବାର କ୍ଷମତା ରହିଛି। ମ୍ୟାଚ୍ ଯେଉଁ ଦିନ ଖେଳାଯାଏ ତା ପୂର୍ବରୁ କଣ ହୋଇଛି, ତାର କେଣସି ମୂଲ୍ୟ ନଥାଏ। ବୁଧବାର କଣ ହେବ ସେ ବିଷୟରେ ଏବେ ପ୍ରସ୍ତୁତି ହେବା ଦରକାର ଏହା ସେହି ସାଢେ ତିନି ଘଣ୍ଟାର ଖେଳ ପ୍ରଦର୍ଶନ ବିଷୟରେ ରହିଛି। ଆମେ ନିଜ ତରଫରୁ ସର୍ବଶ୍ରେଷ୍ଠ ଖେଳିବାର ଚେଷ୍ଟା କରିବୁ ଓ ଆଶା ରହିଛି ଯେ ଭାରତର ଦୁର୍ବଳତା ଖୋଜି ପାରିବୁ। ଏହା ହେଉଛି ସେହି ପ୍ରଣାଳୀ, ଯାହାଦ୍ୱାରା ଆମେ ଏହି ମ୍ୟାଚ୍ ଜିତିପାରିବୁ।

୬୨ ବର୍ଷୀୟ ପୂର୍ବତନ ଖେଳାଳି ଜଣକ କହିଛନ୍ତି ସେ ଚାହାଁନ୍ତି ତାଙ୍କର ସବୁ ଖେଳାଳି ସବୁ କ୍ଷଣର ମଜା ନେବା ସହ ଚ୍ୟାଲେଞ୍ଜର ସାମନା କରନ୍ତୁ। ସେ କହିଛନ୍ତି, ପ୍ରତି ମ୍ୟାଚ୍, ବିଶେଷ ଭାବରେ ଭାରତ ସହ ଖେଳା ଯଉଥିବା ମ୍ୟାଚ୍‌ରେ ଏକ ଉତ୍ସାହ ଥାଏ। କାରଣ ସେ ଦୁନିଆ।ର ଏକ ନମ୍ବର ଟି-୨୦ ଟିମ୍ ଆମେ କେବଳ ଉତ୍ସାହର ସହ ଖେଳିବାକୁ ଚାହୁଁ। ଆମେ ବାସ୍ ସେହି ଉତ୍ସାହର ମଜା ନେବାକୁ ଯାଉଛୁ। ସିମନ୍ସଙ୍କ ମତରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍ର ପିଚ୍ ବାସ୍ତବରେ ବ୍ୟାଟିଂ ଖୁବ୍ ଭଲ ଓ ମ୍ୟାଚରେ ଟସ୍‌ର କେଣସି ବଡ ପ୍ରସଙ୍ଗ ନାହିଁ।

୨୮ରୁ ରାଜ୍ୟସ୍ତରୀୟ ଧନୁର୍ବିଦ୍ୟା ଚାମ୍ପିଅନସିପ

ସମ୍ବଲପୁର, ୨୩।୯: ସମ୍ବଲପୁର ଜିଲ୍ଲା ଜୁଯୋମୁରା ଠାରେ ଆଚେରୀ ସଂଘର ଜିଲ୍ଲା ସଭାପତି କିଶୋର କୁମାର ଦେହୁରୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ରାଜେଶ ଏକ୍କାଙ୍କ ସହିତ, ଉପସଭାପତି ଅଶ୍ୱିନୀ କୁମୁରା,ମିତ୍ରଭାନୁ ମହାପାତ୍ର, ପ୍ରମୁଖ ଯୋଗଦେଇ ଆଗାମୀ ୨୮ ତାରିଖରୁ ୨୬ ତମ ରାଜ୍ୟସ୍ତରୀୟ ଧନୁର୍ବିଦ୍ୟା ଚାମ୍ପିଅନସିପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କିଭଳି ସଫଳତା ଆସିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ପ୍ରତିଯୋଗୀଙ୍କ ଗସ୍ତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ଉପରେ ଆଲୋଚନା କରା ଯାଇଥିଲା ।ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଅକ୍ଟୋବର ୧ ତାରିଖରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

ସୁଲତାନ ଜୋହର କପ୍ ହକି

ଭାରତୀୟ ଦଳରେ ୩ ଓଡ଼ିଆ ସାମିଲ

ଭୁବନେଶ୍ୱର, ୨୩।୦୯:ମାଲେସିଆ।ରେ ଆସନ୍ତା ମାସରେ ଖେଳାଯିବାକୁ ଥିବା ସୁଲତାନ ଜୋହର କପ୍ ପାଇଁ ଭାରତୀୟ ୧୮ ଜଣିଆ। ଜୁନିୟର ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ଦଳରେ ୩ ଜଣ ଓଡ଼ିଆ। ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ ଏକ୍କା, ମିଡଫିଲ୍ଡର ଅଦ୍ରୋହିତ ଏକ୍କା ଓ ରୋଶନ କୁଜୁର।ସେମିତି ଷ୍ଟାଣ୍ଡବାଏରେ ୨ ଜଣ ଓଡ଼ିଆ ବିବେକ ଲାକ୍ରା ଓ ରୋହିତ କୁଲୁ ରହିଛନ୍ତ।

ଭାରତୀୟ ଦଳ ଅକ୍ଟୋବର ୧୧ ତାରିଖରେ ଜୋହର କପ୍‌ରେ ଅଭିଯାନ ଅରମ୍ଭ କରିବ। ପ୍ରଥମ ମ୍ୟାଚ୍‌ରେ ଦଳ ଗ୍ରେଟ୍ ବ୍ରିଟେନକୁ ଭେଟିବ। ୧୨ରେ ନ୍ୟୁଜିଲାଣ୍ଡ, ୧୪ରେ ପାକିସ୍ତାନ, ୧୫ରେ ଅଷ୍ଟ୍ରେଲିଆ। ଏବଂ ୧୭ରେ ଆୟୋଜକ ମାଲେସିଆ।କୁ ଭେଟିବ। ପୂର୍ବ ସଂସ୍କରଣରେ ଭାରତ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା ।ଅକ୍ଟୋବର ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ।ଭାରତୀୟ ଦଳ; ଗୋଲକିପର-ବିକ୍ରମଜିତ ସିଂ ଓ ପ୍ରିନ୍ସଦୀପ ସିଂ ଡିଫେଣ୍ଡର-ରୋହିତ (ଅଧିନାୟକ), ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଅମିର ଅଲି, ସୁନୀଲ, ରବନୀତ ସିଂ ମିଡଫିଲ୍ଡର-ଅଙ୍କିତ ପାଲ, ଥୌନାଓଜାମ ଇଙ୍ଗାଲେମ୍ବା ଲ୍ଲାଙ୍ଗ, ଅଦ୍ରୋହିତ ଏକ୍କା, ଅରଇଜିତ ସିଂ ହୁଣ୍ଡାଲ, ରୋଶନ କୁଜୁର, ମନମିତ ସିଂ ଏବଂ ଫରାର୍ଡ- ଅର୍ଶଦୀପ ସିଂ, ସୌରଭ ଆ।ନନ୍ଦ, ଅଜିତ ଯାଦବ, ଗୁରଜୋତ ସିଂ ଷ୍ଟାଣ୍ଡବାଏ-ବିବେକ ଲାକ୍ରା, ଶ୍ରଦ୍ଧାନନ୍ଦ ତିୱାରୀ, ଥୋକଚୋମ କିଙ୍ଗସନ ସିଂ, ରୋହିତ କୁଲୁ ଓ ଦିଲରାଜ ସିଂ।

ଲୋକପ୍ରିୟ ଅମ୍ପାୟାର ଡିକି ବର୍ଡଙ୍କର ପରଲୋକ

ନୂଆଦିଲ୍ଲୀ, ୨୩।୯: କ୍ରିକେଟ ଇତିହାସର ଅନ୍ୟତମ ଲୋକପ୍ରିୟ ଓ ଚମତ୍କାର ଅମ୍ପାୟାର ଇଂଲଣ୍ଡର ଡିକି ବର୍ଡଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ଇଂଲଣ୍ଡର କାଉଣ୍ଟି କ୍ଲବ ୟର୍କଶାୟାର ଏକ ବୟାନ ଜାରି କରି ତାଙ୍କ ମୃତ୍ୟୁ ଖବର ପ୍ରକାଶ କରିଛି। ପ୍ରାୟ ୧୫୦ଟି ଆନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିବା ଡିକି ବର୍ଡ କ୍ରିକେଟ ଇତିହାସରେ ପ୍ରଥମ ଅମ୍ପାୟାର ଥିଲେ, ଯିଏ ଏହି ପେଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଏବଂ ଏହାକୁ ଲୋକପ୍ରିୟ କରିଥିଲେ। ବର୍ଡଙ୍କ ମୃତ୍ୟୁକୁ ନେଇ ଇଂଲଣ୍ଡ କ୍ରିକେଟ ବୋର୍ଡ ମଧ୍ୟ ଶୋକ ପ୍ରକାଶ କରିଛି। ଅନ୍ତର୍ଜାତୀୟ ଅମ୍ପାୟାର ହେବା ପୂର୍ବରୁ ଡିକି ବର୍ଡ ଜଣେ ଫାର୍‌ଷ୍ଟ କ୍ଲାସ କ୍ରିକେଟର ଥିଲେ, କିନ୍ତୁ ୩୨ ବର୍ଷ ବୟସରେ ସେ ସନ୍ନ୍ୟାସ ନେଇ ଘୋଷଣା କରିଥିଲେ।

ମଙ୍ଗଳବାର, ୨୩ ସେପ୍ଟେମ୍ବର ୨୦୨୫ରେ ୯୨ ବର୍ଷ ବୟସରେ ବର୍ଡ ନିଜ ଘରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୟର୍କଶାୟାର ପାଇଁ ଫାର୍‌ଷ୍ଟ କ୍ଲାସ କ୍ରିକେଟ ଖେଳିଥିବା ବର୍ଡଙ୍କ ମୃତ୍ୟୁ ଖବର କାଉଣ୍ଟି କ୍ଲବ ପକ୍ଷରୁ ପ୍ରକାଶ ପାଇଛି। ୟର୍କଶାୟାର ଏକ ବିବୃତିରେ କହିଛି, "ୟର୍କଶାୟାର କାଉଣ୍ଟି କ୍ରିକେଟ କ୍ଲବ ଅତ୍ୟନ୍ତ ଦୁଃଖର ସହ ଜଣାଉଛି ଯେ କ୍ରିକେଟ ଜଗତର ଅତି ପ୍ରିୟ ବ୍ୟକ୍ତିତ୍ୱ ହାରୋଲ୍ଡ ଡେନିସ 'ଡିକି' ବର୍ଡଙ୍କର ଦେହାନ୍ତ ହୋଇଛି।"

୧୯୩୩ ଏପ୍ରିଲ ୧୯ରେ ଇଂଲଣ୍ଡର ୟର୍କଶାୟାର କାଉଣ୍ଟିର ବାର୍ନସ୍‌ଲେରେ ଜନ୍ମଗ୍ରହଣ କରିଥିବା ବର୍ଡଙ୍କ ପୂର୍ଣ୍ଣ ନାମ ଥିଲା ହାରୋଲ୍ଡ ଡେନିସ ବର୍ଡ, କିନ୍ତୁ ସେ ସାରା ବିଶ୍ୱରେ 'ଡିକିବର୍ଡ' ନାମରେ ପରିଚିତ ଥିଲେ। ସେ ୟର୍କଶାୟାର ସହିତ ନିଜର ଫାର୍‌ଷ୍ଟ କ୍ଲାସ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ, କିନ୍ତୁ ଏଥିରେ ତାଙ୍କୁ ବିଶେଷ ସଫଳତା ମିଳିନ ଥିଲା। ଶେଷରେ ମାତ୍ର ୩୨ ବର୍ଷ ବୟସରେ ସେ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ। କିନ୍ତୁ ସେ ଅମ୍ପାୟାରିଂ କରିବା ପରେ ଭାଗ୍ୟ ବଦଳିଯାଇଥିଲା। ମାତ୍ର ୩୭ ବର୍ଷ ବୟସରେ ୧୯୭୦ରେ ସେ ପ୍ରଥମ ଥର ପାଇଁ କାଉଣ୍ଟି ଚମ୍ପିୟନଶିପ ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିଲେ ଏବଂ ଏହାପରେ ଅଳ୍ପ ସମୟରେ ସେ ଟେଷ୍ଟ କ୍ରିକେଟରେ ମଧ୍ୟ ଅମ୍ପାୟାରିଂ ଆରମ୍ଭ କରିଥିଲେ। ୧୯୭୩ରେ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଲିଡ୍ସରେ ହୋଇଥିବା ଟେଷ୍ଟ ମ୍ୟାଚ୍‌ରେ ତାଙ୍କର ଟେଷ୍ଟ ଅମ୍ପାୟାରିଂ କ୍ୟାରିୟର ଆରମ୍ଭ ହୋଇଥିଲା ଏବଂ ୧୯୯୬ ପର୍ଯ୍ୟନ୍ତ ସେ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ଅମ୍ପାୟାର ହୋଇଯାଇଥିଲେ। ୧୯୯୬ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡସରେ ହୋଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ଶେଷ ଥର ପାଇଁ ଅମ୍ପାୟାରିଂ କରିଥିଲେ। ଏହି ସମୟରେ ଉଭୟ ଦଳ ତାଙ୍କୁ 'ଗାର୍ଡ ଅଫ ଅନର' ପ୍ରଦାନ କରିଥିଲେ। ଡିକି ବର୍ଡ ପ୍ରଥମ ଅମ୍ପାୟାର ଥିଲେ, ଯିଏ ୩ଟି ବିଶ୍ୱକପ ଫାଇନାଲରେ ଅମ୍ପାୟାରିଂ କରିଥିଲେ। ସେ ୧୯୭୫, ୧୯୭୯ ଓ ୧୯୮୩ରେ ଖେଳାଯାଇଥିବା ପ୍ରଥମ ୩ଟି ବିଶ୍ୱକପ ଫାଇନାଲରେ ଅମ୍ପାୟାର ଥିଲେ। ତାଙ୍କର ଶେଷ ବିଶ୍ୱକପ ଫାଇନାଲ (୧୯୮୩)ରେ କପିଲ ଦେବଙ୍କ ନେତୃତ୍ୱରେ ଭାରତୀୟ ଦଳ ଦୁଇଥରର ଚମ୍ପିୟନ ୱେଷ୍ଟଇଣ୍ଡିଜକୁ ହରାଇ ପ୍ରଥମ ଥର ପାଇଁ ବିଶ୍ୱକପ ଟ୍ରଫି ଜିତିଥିଲା।

ଡିକି ବର୍ଡ ମୋଟ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିଲେ ଏବଂ ଏହି ସମୟରେ ସେ ସବୁଠାରୁ ଉତ୍କୃଷ୍ଟ, ସଫଳ ଓ ଲୋକପ୍ରିୟ ଅମ୍ପାୟାର ଭାବେ ପରିଚିତ ହୋଇଥିଲେ।

ଆଶଙ୍କାରେ କୋହଲିଙ୍କ ଦିନିକିଆ ଭବିଷ୍ୟତ

ମୁମ୍ବାଇ, ୨୩।୯: ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ବିରାଟ କୋହଲିଙ୍କ ସହ ତାଙ୍କ ଦିନିକିଆ ଭବିଷ୍ୟତ ନେଇ ଆଲୋଚନା କରିଥିଲେ, କିନ୍ତୁ କୋହଲିଙ୍କ ତରଫରୁ 'ଯୋଗାଯୋଗର ଅଭାବ' ଦେଖାଦେଇଛି ବୋଲି ରିପୋର୍ଟରୁ ଜଣାପଡିଛି। କୋହଲି ଟେଷ୍ଟ ଓ ଟି-୨୦ରୁ ଅବସର ନେଇଛନ୍ତି, କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ତାଙ୍କ ପ୍ରତ୍ୟାବର୍ତ୍ତନ ଆଶା କରାଯାଉଥିଲା।

ତେବେ, ଯୋଗାଯୋଗ ଅଭାବ ଯୋଗୁଁ ତାଙ୍କ ଦିନିକିଆ ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିସିସିଆଇ ରୋହିତ ଶର୍ମା ଓ କୋହଲିଙ୍କୁ ଅଷ୍ଟ୍ରେଲିଆ ଏ ବିପକ୍ଷ ଭାରତ ଏ ପାଇଁ ୫୦ ଓଭର ମ୍ୟାଚ୍ ଖେଳିବାକୁ ଚାହୁଁଥିଲା, କିନ୍ତୁ ଦୁହେଁ ସ୍କ୍ୱାଡରେ ସାମିଲ ହୋଇନାହାନ୍ତି।

ଅନ୍ୟପକ୍ଷରେ, ଭାରତ ଏ ଓ ଅଷ୍ଟ୍ରେଲିଆ ଏ ମଧ୍ୟରେ ଦ୍ୱିତୀୟ ଚାରିଦିନିଆ ମ୍ୟାଚ୍ ପୂର୍ବରୁ ଶ୍ରେୟସ ଆୟାର ଭାରତ ଏ ଅଧିନାୟକତ୍ୱ ଛାଡ଼ିଥିଲେ। ଧ୍ରୁବ ଜୁରେଲଙ୍କୁ ନୂଆ ଅଧିନାୟକ କରାଯାଇଛି। ଆୟାରଙ୍କ ବ୍ୟକ୍ତିଗତ କାରଣରୁ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସେ

ଦିନିକିଆରେ ମୁଖ୍ୟ ଖେଳାଳି ହୋଇଥିଲେ ମଧ୍ୟ, ଅନ୍ୟ ଦୁଇ ଫର୍ମାଟରେ ସ୍ଥାନ ପାଇବା ତାଙ୍କ ପାଇଁ କଠିନ ହେଉଛି।

ତେବେ ଭାରତର ପରବର୍ତ୍ତୀ ଟେଷ୍ଟ ସିରିଜ ଅକ୍ଟୋବର ୨ରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଆରମ୍ଭ ହେବ, ଯାହାର ଦଳ ଶୀଘ୍ର ଘୋଷଣା ହେବାର ସମ୍ଭାବନା ରହିଛି।

ରାହୁଲ ଥିଲେ ଅବସ୍ଥା ଆହୁରି ଖରାପ ହୋଇଯାଇଥାନ୍ତା: ଅଖତର

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଏସିଆ କପ୍ ୨୦୨୫ ସୁପର ଫୋର୍ ମ୍ୟାଚ୍‌ରେ ପାକିସ୍ତାନର ପରାଜୟ ପରେ ପୂର୍ବତନ ପାକିସ୍ତାନୀ ଦ୍ରୁତ ବୋଲର ସୋଏବ ଅଖତର ନିଜ ଦଳକୁ କଡା ସମାଲୋଚନା କରିଥିଲେ ଛ ସେ କହିଥିଲେ ଯେ ୨୦୦ ରନ୍ କରିବା ପରେ ମଧ୍ୟ ସେମାନେ ମ୍ୟାଚ୍ ଜିତିପାରିନଥାନ୍ତେ । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ସାହିବଜାଦା ଫରହାନଙ୍କ ଶକ୍ତିଶାଳୀ ଅର୍ଦ୍ଧଶତକ ଯୋଗୁଁ ୧୭୧ ରନ୍ କରିଥିଲା। ଦଳ ଆଶା କରିଥିଲା ଯେ ଏହି ସ୍କର ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ପକାଇବ, କିନ୍ତୁ ଭାରତୀୟ ଓପନର ଅଭିଷେକ ଶର୍ମା ଏବଂ ଶୁଭମାନ ଗିଲ ୧୦୫ ରନ୍‌ର ଭାଗୀଦାରି ସହିତ ଆରମ୍ଭରୁ ମ୍ୟାଚ୍‌ର ଗତି ବଦଳାଇ ଦେଇଥିଲେ।

ମ୍ୟାଚ୍ ପରେ ଏକ ଟିଭି ଶୋ'ରେ ସୋଏବ ଅଖତର ପାକିସ୍ତାନର ବୋଲିଂକୁ କଡ଼ା ସମାଲୋଚନା କରିଥିଲେ। ସେ କହିଛନ୍ତି, 'ପାକିସ୍ତାନ ୨୦୦ ରନ କରିଥିଲେ ମଧ୍ୟ, ଏହି ବୋଲିଂ ଲାଇନ-ଅପ୍ ଏହାକୁ ରକ୍ଷା କରିପାରି ନଥାନ୍ତା। ଅବରାର ଅହମଦଙ୍କ ଭଳି ଜଣେ ପ୍ରମୁଖ ବୋଲରଙ୍କୁ ପଛରେ ରଖି ସାମ ଆୟୁବଙ୍କୁ ବୋଲିଂ ଦେବା ବୁଝି ହେଉଛନ୍ତି । ଯଦି ଫହୀମ ଆଶରଫଙ୍କୁ ବୋଲିଂ କରିବାକୁ ପଡିଥିଲା, ତେବେ ତାଙ୍କୁ ନୂତନ ବଲ୍ ସହିତ ଏହା କରିବା ଉଚିତ ଥିଲା। ଦଳର ରଣନୀତି ଭୁଲ ଥିଲା।' ଅଖତାର କହିଛନ୍ତି ଯେ ପାକିସ୍ତାନର ବୋଲରମାନେ ଭାରତୀୟ ବ୍ୟାଟସମ୍ୟାନଙ୍କୁ ସେମାନଙ୍କ ଉପରେ ଚାପ ପକାଇବାର କୌଣସି ସୁଯୋଗ ଦେଇ ନଥିଲେ। ସେ ବିଶେଷ କରି ହାରିସ୍ ରଉଫ୍ ଏବଂ ଶାହିନ ଆଫ୍ରିଦିଙ୍କୁ ସମାଲୋଚନା କରିଥିଲେ। ସେ ଆହୁରି କହିଛନ୍ତି, 'ହାରିସ୍ ରଉଫ୍ ଜଣେ ବି ଭାରତୀୟ ବ୍ୟାଟସମ୍ୟାନଙ୍କୁ ଆଉଟ୍ କରି ନଥିଲେ। ତାଙ୍କୁ ମିଳିଥିବା ୱିକେଟ୍ ଭାରତୀୟ ବ୍ୟାଟସମ୍ୟାନଙ୍କ ଭୁଲ ଯୋଗୁଁ ହୋଇଥିଲା। ବୋଲରମାନେ ନିଜେ ଭଲ ପ୍ରଦର୍ଶନ କରି ନଥିଲେ।'

ଅଖତାର ଭାରତୀୟ ବ୍ୟାଟସମ୍ୟାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଯଦି ଅଭିଷେକ ଶର୍ମା ଆଉଟ୍ ହୋଇ ନଥାନ୍ତେ, ତେବେ ଭାରତ ପାଞ୍ଚ ଓଭର ପୂର୍ବରୁ ମ୍ୟାଚ୍ ଶେଷ କରିଥାନ୍ତା। ସୋଏବ୍ ଏହା ମଧ୍ୟ କହିଛନ୍ତି, 'ଯଦି କେଏଲ ରାହୁଲ ଟିମ୍ ଇଣ୍ଡିଆରେ ଥାନ୍ତେ, ତେବେ ପାକିସ୍ତାନର ପରିସ୍ଥିତି ଆହୁରି ଖରାପ ହୋଇଥାନ୍ତା। ସଞ୍ଜୁ ସାମସନ ଲାଇନଅପରେ ଦୁର୍ବଳ ଥିଲେ, କିନ୍ତୁ ଅନ୍ୟ ସମସ୍ତ ବ୍ୟାଟସମ୍ୟାନ ଚମତ୍କାର ପ୍ରଦର୍ଶନ କରିଥିଲେ।'

ସବଜୁନିଅର ଓ ସିନିଅର ବର୍ଗର ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଚମ୍ପିୟାନସିପ ଉଦଯାପିତ

ସମ୍ବଲପୁର, ୨୨।୯: ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବ୍ୟାଡ଼ମିନଟନ ହଲ ପରିସରରେ ୧୭ ବର୍ଷରୁ କମ ବର୍ଗର ବାଳକ ଓ ବାଳିକା ଏବଂ ସିନିଅର ପୁରୁଷ ଓ ମହିଳା ମାନଙ୍କ ମଧ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ବ୍ୟାଡ଼ମିଂଟନ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଓଡିଶା ମୋଟର୍ସର ନିର୍ଦ୍ଦେଶକ ରୂଚି ଜଲାନ ଓ ଦେବଦତ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଂଟନ ସଂଘର ସଭାପତି ହୃଦାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିକ୍ରମ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଅଭିଷେକ ବିଶ୍ୱାସ, ସଂଘ ର ସଦସ୍ୟ ପ୍ରଣବ ବେହେରା, କ୍ଷୀରୋଦ କିଷାନ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ୟାଡ଼ମିଂଟନ ଅମ୍ପାୟାର ଟିକେଶ୍ୱର ସାହୁ ଙ୍କର ସଂଯୋଜନା ରେ ଆୟୋଜିତ ଏହି ଉଦଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ରେ ଅତିଥିମାନେ ଶିଶୁ ବୟସ ହିଁ ପ୍ରତିଭା ବିକାଶ ରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଯେମିତି ଭାବରେ ସମ୍ବଲପୁର ଜିଲ୍ଲା ରେ ବ୍ୟାଡ଼ମିଂଟନ ପ୍ରତି ନୂତନ ପିଢ଼ି ର ଆଗ୍ରହ ବଢୁଛି ନିଶ୍ଚିତ ଭାବରେ ଆଗାମୀ ଦିନରେ ସମ୍ବଲପୁର ଦିନେ ବ୍ୟାଡ଼ମିଂଟନର ଗୋଟିଏ 'ହବ୍' ହୋଇପାରିବ । ଆଗାମୀ ଦିନରେ ପରିଶ୍ରମ ଓ ନିଷ୍ଠା ର ସହ ଖେଳ ପ୍ରତି ଅନୁରାଗ ରଖିଲେ, ନିଶ୍ଚିତ ଭାବରେ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ଅତିଥି ମାନେ ତାଙ୍କର ବକ୍ତବ୍ୟ ରେ କହିଥିଲେ କ୍ଷଅତିଥି ମାନେ ମ୍ୟାଚ ଗୁଡିକ ଦେଖିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ଜିଲ୍ଲା ବ୍ୟାଡ଼ମିଂଟନ ସଂଘ ର ସାଙ୍ଗଠନିକ ସମ୍ପାଦକ ତଥା ଏହି ପ୍ରତିଯୋଗିତା ର ଦାୟିତ୍ୱରେ ଥିବା ଅଭିଷେକ ବିଶ୍ୱାସ ଓ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ ପ୍ରମୁଖ ଏହି ପ୍ରତିଯୋଗିତା କୁ ସଂଚାଳନ ର ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଏହି ବ୍ୟାଡ଼ମିଂଟନ ଚମ୍ପିୟାନସିପ୍ କୁ ରାଜ୍ୟସ୍ତରୀୟ ଟେକ୍ନିକାଲ ଅଫିସିଆଲ ଟିକେଶ୍ୱର ସାହୁ, ନୀଳାଂଚଳ ସେଠି, ସୂର୍ଯ୍ୟ ପାଣିଗ୍ରାହୀ, ହେମାନନ୍ଦ ଥପା, ମଣି ବେଜି, ଆୟୁଷ ନନ୍ଦ ବାବୁଲୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଟୁର୍ନାମେଂଟ ଡାଇରେକ୍ଟର ଅଭିଷେକ ବିଶ୍ୱାସ ଓ ମ୍ୟାଚ ରେଫରୀ ଲକ୍ଷ୍ୟପତି ନନ୍ଦ ସଂଚାଳନ କରିଥିଲେ । ଏହି ପ୍ରତିଯୋଗିତାର ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ । ଦୁଇ ଦିନ ଧରି ଆୟୋଜିତ ହୋଇଥିବା ଏହି ବ୍ୟାଡ଼ମିଂଟନ ପ୍ରତିଯୋଗିତା ରେ ବିଭିନ୍ନ ବର୍ଗରେ ଜିଲ୍ଲାର ଶହେ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ରେ ବାଳକ,ବାଳିକା ତଥା ପୁରୁଷ ଓ ମହିଳା ବିଭାଗ